# ସ୍ଥାୟୀ ନିଯୁକ୍ତି ଦାବିରେ ବିକ୍ଷୋଭ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଅନୁଗୋଳ,୧୯।୨ (ମାନସ ବିଶ୍ୱାଳ)

ଏଆଇଡିୱାଇଓ ଅନୁଗୋଳ ଜିଲା କମିଟି ପକ୍ଷରୁ ବୁଧବାର ପୂର୍ବାହ୍ନରେ ଅନୁଗୋଳ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସ୍ଥାନୀୟ ଗୋପବନ୍ଧୁ ପାର୍କଠାରୁ ବିକ୍ଷୋଭକାରୀମାନେ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା ସହ ବିକ୍ଷୋଭସ୍ଥଳରେ ପହଞ୍ଚି ଥିଲେ। ସଙ୍ଗଠନର ଜିଲା ସମ୍ପାଦକ କୈଳାସ ଚନ୍ଦ୍ର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ଡିୱାଇଓ ରାଜ୍ୟ ସଭାପତି ମାନସ ପାଳ ଯୋଗଦେଇ ବିଭିନ୍ନ ଦାବି ଉପସ୍ଥାପନ କରିଥିଲେ। ଅନୁଗୋଳ ଜିଲାରେ ଗଢ଼ି ଉଠିଥିବା ସମସ୍ତ ଖଣି ଓ କାରଖାନା ଦ୍ୱାରା ବିସ୍ଥାପିତ, କ୍ଷତିଗ୍ରସ୍ତ ଏବଂ ଅନୁଗୋଳ ଜିଲାର ବେକାର ଯୁବତୀ ଯୁବକଙ୍କୁ ଅଗ୍ରାଧିକାର ଭିତ୍ତିରେ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା, ନିଯୁକ୍ତି ଦେବା ପର୍ଯ୍ୟନ୍ତ ବେକାରି ଭତ୍ତା ପ୍ରଦାନ, ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ସମସ୍ତ ବିଭାଗରେ ଦୀର୍ଘ ବର୍ଷ ଧରି ଖାଲି ପଡ଼ିଥିବା ପଦବୀଗୁଡ଼ିକ ସ୍ଥାୟୀ ଭିତ୍ତିରେ ପୂରଣ କରିବା, ସ୍ମାର୍ଟ ମିଟର ଲଗାଇବା ନିଷ୍ପତ୍ତି ସହ ବିଦ୍ୟୁତ୍ ଆଇନ ୨୦୨୨କୁ ସମ୍ପୂର୍ଣ୍ଣ ବାତିଲ କରିବା, ଧୂଳି, ଧୂଆଁ, ପାଉଁଶ ଓ ବିଷାକ୍ତ ଗ୍ୟାସ ଆଦି ପ୍ରଭାବରୁ ଜିଲାର ଜନସାଧାରଣଙ୍କୁ ରକ୍ଷା କରିବା, ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା, ମଦ ଓ ନିଶା କାରବାର ନିଷିଦ୍ଧ କରିବା, ଶିଶୁ କନ୍ୟା ଓ ମହିଳାଙ୍କ ଉପରେ ନିର୍ଯାତନା ବନ୍ଦ ଆଦି ଦାବି କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ନିରଞ୍ଜନ ନାୟକ, ଭରତ ନାଏକ, ଜ୍ୟୋସ୍ନା ସାମଲ, ମଳୟ ବେହେରା, ଦୁଃଖବନ୍ଧୁ ବେହେରା, ଲମ୍ବୋଦର ପଣ୍ଡା, ଆଶିଷ ସାହୁ, ସୋରେନ ସାହୁ, ସତ୍ୟରଞ୍ଜନ ସାହୁ, ଅରୁଣ ସାହୁ ପ୍ରମୁଖଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା।

## ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକଙ୍କ ପରଲୋକ

ବଇଣ୍ଡା, ୧୯।୨ (ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ବିନିକେୟୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ଖେଳ ଶିକ୍ଷକ ମଳୟ କୁମାର ପ୍ରଧାନଙ୍କ ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ପରିବାର ଲୋକେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଖବରପାଇ ଅନୁଗୋଳ ଜିଲା ଭାଜପା ଉପସଭାପତି ଅର୍ଜୁନ ସାହୁ ପହଞ୍ଚି ଶେଷଦର୍ଶନ କରିଥିଲେ। ତାଙ୍କ ମୃତ ଶରୀରକୁ ପତକାସ୍ଥିତ ଗ୍ରାମକୁ ଅଣାଯାଇଥିଲା। ବଇଣ୍ଡା ଠାରେ ଜିଲା



କ୍ରୀଡ଼ା ବିଭାଗ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଜିଲା କ୍ରୀଡ଼ା ଶିକ୍ଷା ଅଧିକାରୀ ଭିକାରି ବନ୍ଧୁ ସାହୁ, ପ୍ରଶାନ୍ତ ସିହ୍ନା, ଭବାନୀ ଶଙ୍କର ମିଶ୍ର, ପବିତ୍ର ନାୟକ, ଗୋଲକ ସାହୁ, ମୋନାଲିସା ସାହୁ, ଅରୁଣ ସାହୁ, ପ୍ରଦୀପ ସାହୁ, ବିଶ୍ୱନାଥ ଦେହୁରୀ, ଜିତେନ୍ଦ୍ର ନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ତାଙ୍କ ବିୟୋଗରେ ଶୋକର ଛାୟା ଖେଳିଯାଇଛି।

# ସକାରାତ୍ମକ ପରିବେଶ ସୃଷ୍ଟି କଲେ ଶିକ୍ଷାନୀତି ଫଳପ୍ରଦ ହେବ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ଛେଣ୍ଡିପଦା,୧୯।୨(ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ସଦର ମହକୁମାସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ବୁଧବାର ୨ ଦିନିଆ ଜାତୀୟସ୍ତରୀୟ ସେମିନାର୍ ଉଦ୍‌ଯାପିତ ହୋଇଯାଇଛି। ସେମିନାରରେ ମୌଳିକ ସାକ୍ଷରତା ଏବଂ ସଂଖ୍ୟା ଜ୍ଞାନ ଲକ୍ଷ୍ୟ ହାସଲ ପାଇଁ ଶ୍ରେଣୀଗୃହ ଅଭ୍ୟାସ ଶୀର୍ଷକକୁ ନେଇ ଚାଲିଥିବା ଜାତୀୟସ୍ତରୀୟ କାର୍ଯ୍ୟକ୍ରମରେ ମଙ୍ଗଳବାର ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଶ୍ରେଣୀଗୃହରେ ସକାରାତ୍ମକ ଶିକ୍ଷଣ ପରିବେଶ ସୃଷ୍ଟି କଲେ ଜାତୀୟ ଶିକ୍ଷାନୀତି-୨୦୨୦ ଫଳପ୍ରଦ ହେବ ବୋଲି କହିଥିଲେ। ସେମିନାରରେ ୧୦୦ ଶିକ୍ଷକ, ସିଆର୍‌ସିସି, ପ୍ରଧାନ ଶିକ୍ଷକ, ଶିକ୍ଷକ ପ୍ରଶିକ୍ଷକ, ପ୍ରାଧ୍ୟାପକ ଏବଂ ୧୮୦ ଗୁରୁ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବୁଧବାର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ନବକୃଷ୍ଣ ଚୌଧୁରୀ

### ୨ ଦିନିଆ ଜାତୀୟସ୍ତରୀୟ ସେମିନାର୍ ଉଦ୍‌ଯାପିତ

ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଦ୍ରୌପଦୀ ପଟେଲ ଯୋଗଦେଇ ଶିକ୍ଷାର୍ଥୀଙ୍କ ସାମଗ୍ରିକ ବିକାଶ ପାଇଁ କଳା ସମନ୍ୱିତ ଶିକ୍ଷଣ ଓ ମୌଳିକ ସାକ୍ଷରତା ଏବଂ ସଂଖ୍ୟା ଜ୍ଞାନ ହାସଲ ନିମନ୍ତେ ଖେଳଭିତ୍ତିକ ଶିକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସେମିନାର ପୃଷ୍ଠପୋଷକ ତଥା ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ବିକ୍ରମ କୁମାର ସାହୁ ସଭାପତିତ୍ୱ କରିଥିବାବେଳେ ବିଷୟ ବିଶେଷଜ୍ଞ ଭାବେ ନବକୃଷ୍ଣ ଚୌଧୁରୀ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ ପ୍ରାଧ୍ୟାପକ ଡ. ଅଜୟ କୁମାର ସ୍ୱାଇଁ ଓ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହିମାଂଶୁ ଶେଖର ନାୟକ, ଛେଣ୍ଡିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ନନ୍ଦ, ଅନୁଗୋଳ ବାଳିକା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରିୟରଞ୍ଜନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ମଦନ ସୁନ୍ଦର ପ୍ରଧାନ ଏବଂ ଅଧ୍ୟାପକ ଡ. ଗଣେଶ୍ୱର ସାହୁ, ରାମକୃଷ୍ଣ ପରିଛା, ମମିତା ସାହୁ, ଛୋଟରାୟ ଟୁଡୁ ସହଯୋଗ କରିଥିଲେ। ସମସ୍ତ ଅଂଶଗ୍ରହଣକାରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

# ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ୍ ପ୍ରଦାନ


ଦିବ୍ୟାଙ୍ଗ ରମେଶ ଚନ୍ଦ୍ର ସାମରାଇଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଉଛି।

ପାଲଲହଡ଼ା,୧୯।୨(ଦିବ୍ୟଜ୍ୟୋତି ଦାଶ)

ପାଲଲହଡ଼ା ବ୍ଲକ ଗୁରୁଣ୍ଡିଆମୁଣ୍ଡା ଗ୍ରାମର ଦିବ୍ୟାଙ୍ଗ ବ୍ୟକ୍ତି ରମେଶ ଚନ୍ଦ୍ର ସାମରାଇଙ୍କୁ ପାଲଲହଡ଼ା ଉପଜିଲାପାଳ ରବୀନ୍ଦ୍ର କୁମାର ପଟେଲ ବୁଧବାର ଏକ ତିନିଚକିଆ ସାଇକେଲ ପ୍ରଦାନ କରିଛନ୍ତି। ରମେଶଙ୍କ ବାମ ଗୋଡ଼ ଦୁର୍ଘଟଣାରେ କଟିଯାଇଥିବାରୁ ପରିବାର ପ୍ରତିପୋଷଣ କରିବାରେ ଅସୁବିଧା ହେଉଥିବା ଜଣାଇବା ପରେ ଉପଜିଲାପାଳ ପଟେଲ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ସହଯୋଗରେ ତାଙ୍କୁ ଏକ ତିନିଚକିଆ ସାଇକେଲ ପ୍ରଦାନ କରିଥିଲେ।

# ପାଠ ସହ ବୌଦ୍ଧିକ ବିକାଶ ଆବଶ୍ୟକ

ବଁଅରପାଳ,୧୯।୨(ସୁବାସ ସାହୁ)

ବଁଅରପାଳ ବ୍ଲକ ଗଡ଼ସନ୍ତ୍ରୀ ନେହେରୁ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ଜିଲା ପରିଷଦ ସଦସ୍ୟ ଗୋପାଳ ଚନ୍ଦ୍ର ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଠ୍ୟପୁସ୍ତକ ଶିକ୍ଷା ସହିତ ବୌଦ୍ଧିକ ବିକାଶର ମଧ୍ୟ ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

ସମ୍ମାନିତ ଅତିଥି ଭାବେ ସରପଞ୍ଚ ଟଙ୍କଧର ବେହେରା ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷାନୁଷ୍ଠାନର ସମସ୍ତ ଛାତ୍ରୀଛାତ୍ର ଏଥିରେ ସାମିଲ ହୋଇଥିଲେ। ଅଭିଭାବକ ଓ ସ୍ଥାନୀୟଲୋକେ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

# ମେଧାବୃତ୍ତି ପରୀକ୍ଷାରେ ଛାତ୍ରୀଙ୍କ ସଫଳତା

ଆଠମଲ୍ଲିକ,୧୯।୨(ଉଦୀପ୍ତ ପୁରୋହିତ)



ଦିବ୍ୟାଶା ବେହେରା, ଅଦ୍ୱିଶ୍ରୀ ଆରାଧ୍ୟା ସାହୁ

୨୦୨୪-୨୫ ଶିକ୍ଷା ବର୍ଷରେ ତୃତୀୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ଅଦ୍ୱିଶ୍ରୀ ଆରାଧ୍ୟା ସାହୁ ଆଠମଲ୍ଲିକ ବ୍ଲକରେ ପ୍ରଥମ ହୋଇଥିଲା ବେଳେ ବିକ୍ଷିପ୍ତା ନାୟକ, ଶ୍ରୁତି ବିଶ୍ୱାଳ, ସବ୍ୟସାଚୀ ମାହାର, ଗୋପୀନାଥ ଦେହୁରୀ, ଅନ୍ୱିଶତୋ ରଥ, ଅନନ୍ୟ ଦେହୁରୀ ମେଧାବୃତ୍ତି ପାଇବାରେ ସଫଳତା ପାଇଛନ୍ତି। ସେହିପରି ତୃତୀୟ ଶ୍ରେଣୀ ଆର୍ଥିକ ଅନଗ୍ରସରତା ମେଧାବୃତ୍ତି ପରୀକ୍ଷାରେ ସୌମ୍ୟଶ୍ରୀ ସାହୁ ପ୍ରଥମ ହୋଇଥିବା ବେଳେ ପ୍ରିୟବ୍ରତ ସାହୁ, ରମାକାନ୍ତ ମେହେର, ସ୍ମରଣିକା ପ୍ରଧାନ, ସୌମ୍ୟଶ୍ରୀ ସାହୁ, ଦିବ୍ୟଦର୍ଶୀ ଅମାନ୍ତ, ସୁବ୍ରତ ପ୍ରଧାନ କୃତକାର୍ଯ୍ୟ ହୋଇଛନ୍ତି। ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ଲିଟିଲ ଷ୍ଟାର ପବ୍ଲିକ ସ୍କୁଲର ଛାତ୍ରୀ ଦିବ୍ୟାଶା ବେହେରା ବ୍ଲକରେ ପ୍ରଥମ ହୋଇଥିଲା ବେଳେ ସାଇ ଅର୍ଣ୍ଣବ ଜେନା, ଆୟୁଷ ପ୍ରତୀକ ମିଶ୍ର, ସ୍ୱର୍ଣ୍ଣଲକ୍ଷ୍ମୀ ସ୍ୱାଇଁ, ସ୍ୱସ୍ତିକ ପ୍ରଧାନ, ଶୁଭ୍ରନୀଲ ବେହେରା, ପ୍ରୀତି ମଞ୍ଜରୀ ସାହୁ ସଫଳତା ପାଇଛନ୍ତି। ସେହିପରି ପଞ୍ଚମ ଶ୍ରେଣୀ ଆର୍ଥିକ ଅନଗ୍ରସର ମେଧାବୃତ୍ତି ପରୀକ୍ଷାରେ ଛାତ୍ର ଅଞ୍ଜନ କୁମାର ସାହୁ ପ୍ରଥମ ହୋଇଥିଲା ବେଳେ ଅନୁରାଧା ସାହୁ, ରତ୍ନପୂର୍ଣ୍ଣା ସାହୁ, ସମ୍ବିତ ବେହେରା, ଅନୁଭୂତି ସାହୁ, ଶୁଚିସ୍ମିତା ନାୟକ ମେଧାବୃତ୍ତି ପାଇ ଶିକ୍ଷାନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି।

# ଯାତ୍ରୀବାହୀ ରେଳ ଚଳାଚଳ ପାଇଁ ଏମ୍‌ପିଙ୍କୁ ଦାବିପତ୍ର

ପରଜଙ୍ଗ,୧୯।୨(ନିଗମାନନ୍ଦ ଦଳବେହେରା)



ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ରବିବାର ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଦିନିକିଆ ଗସ୍ତରେ ଆସିଥିବାବେଳେ ଅଞ୍ଚଳବାସୀଙ୍କ ତରଫରୁ ପରଜଙ୍ଗ ଷ୍ଟେସନ ଦେଇ ଯାତ୍ରୀବାହି ରେଳ ଚଳାଚଳ ପାଇଁ ଦାବିପତ୍ର ଦିଆଯାଇଛି। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ଅନୁଗୋଳ- ସୁକିନ୍ଦା ରେଳଲାଇନ୍‌ରେ ଅଦ୍ୟାବଧି ୨ବର୍ଷ ହେବ କୋଇଲା ପରିବହନ ହେଲାଣି। ବର୍ଷେପରେ ଯାତ୍ରୀବାହି ରେଳ ଚଳାଚଳ କରିବା କଥା। କିନ୍ତୁ ଅଦ୍ୟାବଧି ଏହି ରାସ୍ତାରେ ଯାତ୍ରୀବାହି ଟ୍ରେନ ଚାଲିନାହିଁ। ଶୀଘ୍ର ରେଳ ଚଳାଚଳ ପାଇଁ ପରଜଙ୍ଗ ଗ୍ରାମବାସୀଙ୍କ ଦ୍ୱାରା ଏମ୍‌ପିଙ୍କ ଜରିଆରେ କେନ୍ଦ୍ର ରେଳମନ୍ତ୍ରୀ ଙ୍କ ପାଖକୁ ଦାବିପତ୍ର ପ୍ରଦାନ କରାଯାଇଛି। ପରଜଙ୍ଗ ଗ୍ରାମ କମିଟି ସଭାପତି ଶାନ୍ତନୁ କୁମାର ସାମଲ, ବରିଷ୍ଠ ନାଗରିକ ହେମନ୍ତ କୁମାର ସାମଲ, ପୂର୍ବତନ ଜିଲା ପରିଷଦ ସଭ୍ୟ ସନ୍ତୋଷ କୁମାର ରାଉତଙ୍କ ଉପସ୍ଥିତିରେ ୫୦ରୁ ଉର୍ଦ୍ଧ୍ୱ ଲୋକ ଏହି ଦାବିପତ୍ର ଦେଇଥିବା ଜଣାପଡିଛି।

# ଗୋତମରା କପ୍: କେନ୍ଦ୍ରାପଡ଼ା ଚାମ୍ପିୟନ

ସନ୍ତ୍ରିଛକ,୧୯।୨(ସନ୍ତୋଷ ପରିଡ଼ା)

ବଁଅରପାଳ ବ୍ଲକ ଗୋତମରା ବାଲିସାହି ମିନି ଷ୍ଟାଡିୟମରେ ରାଜ୍ୟସ୍ତରୀୟ ଗୋତମରା କପ୍ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ ସୁହାନ ୧୧ କଲିକତା ଏବଂ ଡିସିସି ସନ୍ଥପୁର କେନ୍ଦ୍ରାପଡ଼ା ମଧ୍ୟରେ ଖେଳାଯାଇଥିଲା। ଏଥିରେ ଡିସିସି ସନ୍ଥପୁର କେନ୍ଦ୍ରାପଡ଼ା ବିଜୟୀ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଅନୁଗୋଳ ଜିଲା ଭାଜପା ସଭାପତି ଯଯାତି ପଟ୍ଟନାୟକ, ଦିଲୀପ ରାଉତ, କିଟୁ ପଣ୍ଡା, ଅଶୋକ ଧୀର, ପ୍ରଭାତ ରଣା ଏବଂ ଗୋତମରା ଏମବିସିସିର ସମସ୍ତ ସଦସ୍ୟ ଯୋଗଦେଇଥିଲେ। ବଁଅରପାଳ ଅଞ୍ଚଳରୁ ପ୍ରାୟ ୧୦ ହଜାର ଦର୍ଶକ ଖେଳ ଉପଭୋଗ କରିଥିଲେ। ବିଧାୟକ ପ୍ରଧାନ ବିଜେତା ଦଳକୁ ୫୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିବାବେଳେ ଉପବିଜେତା ଦଳକୁ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ।


ଅତିଥିଙ୍କ ସହ ଖେଳାଳିମାନେ।

# ଅଁଳାକଟାରେ ଅଷ୍ଟପ୍ରହର ନାମଯଜ୍ଞ

ପରଜଙ୍ଗ,୧୯।୨(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଅନ୍ତର୍ଗତ ଅଁଳାକଟା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଭକ୍ତମାନେ କଳସ ଶୋଭାଯାତ୍ରାରେ ଡିମ୍ବିରିବନ୍ଧ ପୋଖରୀଠାରୁ ଯଥାବିଧି ପୂଜାର୍ଚ୍ଚନା ସହ ଜଳପୂର୍ଣ୍ଣ କରି ଶଙ୍ଖ, ଘଣ୍ଟ ଓ ନାମ କର୍ତ୍ତନ ପଟୁଆରରେ ରାଧାକୃଷ୍ଣ ମଣ୍ଡପରେ କଳସ ସ୍ଥାପନା କରିବା ସହ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯାଇଥିଲା। ଶନିବାର ପ୍ରତ୍ୟୁଷରୁ ନାମ ସଂକୀର୍ତ୍ତନ ଆରମ୍ଭ ହେବା ସହ ଅଖଣ୍ଡଦୀପ ପ୍ରଜ୍ୱଳନ କରାଯାଇଥିଲା। ଏଥିରେ ପ୍ରାୟ ୩୮ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ପୂଜକ ଭାବେ ନିମାଇଁଚରଣ ମଣ୍ଡପରେ କଳସ ସ୍ଥାପନ କରିବା ସହ ପୂଜାର୍ଚ୍ଚନା ତୁଲାଇଥିଲେ। କର୍ତ୍ତାଭାବେ ବିଶ୍ୱନାଥ ସାହୁ ବସିଥିଲେ। ଏଥିରେ ଗ୍ରାମ ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ନିର୍ମଳ କୁମାର ସାହୁ, ମଧୁକର ସାହୁ, ବିଭୂତି ଭୂଷଣ ସାହୁ, ଗୋକୁଳାନନ୍ଦ ବେହେରା, ଚିନ୍ତାମଣି ସାହୁ, ନିବାରଣ ସାହୁ, କବିରାଜ ସାହୁ, ମାଧବ ଖିଲାର, ଭଗବାନ ସାହୁ, ସୁଜନ ଖିଲାର, ଦୁଷ୍ମନ୍ତ ଖିଲାର, ଅତସି ଦେହୁରୀ, ବନମାଳୀ ଦେହୁରୀ, ଧର୍ମାନନ୍ଦ ସାହୁ , ବିକାଶ ଦେହୁରୀ, ଗ୍ରାମକମିଟିର ସମସ୍ତ ସଦସ୍ୟ ବହୁସଂଖ୍ୟାରେ ଯୋଗଦେବା ସହ ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ ଏହି ଯଜ୍ଞକାର୍ଯ୍ୟ ସମାପନ ହୋଇଯାଇଛି।

# ଦୁର୍ନୀତି ଅଭିଯୋଗର ଭିଜିଲାନ୍ସ ତଦନ୍ତ ଦାବି

ବନ୍ତଲା,୧୯।୨(ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଲା ଥାନା ପୋକତୁଙ୍ଗା ପ୍ରାଥମିକ କୃଷି ସେବା ସମବାୟ ସମିତିରେ ଦୁର୍ନୀତି ହୋଇଥିବା ଅଭିଯୋଗ କରିବା ସହ ଏହାର ଭିଜିଲାନ୍ସ ତଦନ୍ତ ପାଇଁ ବୁଧବାର ଦାବି କରିଛନ୍ତି ୮ ଜଣ ପୂର୍ବତନ ନିର୍ଦ୍ଦେଶକ। ଗତ ଡିସେମ୍ବରରେ ଇସ୍ତଫା ଦେଇଥିବା ମନ୍ଦରଧର ପ୍ରଧାନ, ନିରୋଦ ସାହୁ, ଦିନେଶ ଦେହୁରୀ, ବସନ୍ତ କୁମାର ପ୍ରଧାନ, ନିରଞ୍ଜନ ବାରିକ, କୁମୁଦ ନାଏକ, ଦାମୋଦର ନାଏକ, ସଞ୍ଜୟ ସାହୁ ପ୍ରମୁଖ ଢେଙ୍କାନାଳ- ଅନୁଗୋଳ ସହକାରୀ ମହାସମୀକ୍ଷକ ସମବାୟ ସମିତି ସମୂହ ଅଧିକାରୀ ବାଲୁଙ୍କେଶ୍ୱର ଦାସଙ୍କ ଅନୁପସ୍ଥିତିରେ ଦାୟିତ୍ୱରେ ଥିବା ଆସିଷ୍ଟାଣ୍ଟ ଅଡିଟର ଜେନେରାଲ କୋଅପରେଟିଭ ସୋସାଇଟି ପ୍ରଦୀପ କୁମାର ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ପୂର୍ବତନ ନିର୍ଦ୍ଦେଶକମାନେ ଦର୍ଶାଇଛନ୍ତି, ପୋକତୁଙ୍ଗା ପ୍ରାଥମିକ କୃଷି ସେବା ସମବାୟ ସମିତିରେ ୨୦ଟି ଦୁର୍ନୀତିର ଅଭିଯୋଗ ନେଇ ୨୩ ଡିସେମ୍ବରରେ ଅନୁଗୋଳ ଜିଲାପାଳ, କେନ୍ଦ୍ର ସମବାୟ ବ୍ୟାଙ୍କ ଲି. ମୁଖ୍ୟ ସେକ୍ରେଟାରି ଅନୁଗୋଳଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ୨୦୧୫ରୁ ୨୦୨୪ ଡିସେମ୍ବର ପର୍ଯ୍ୟନ୍ତ ନକଲି ଭାଉଚରରେ ଚାଷୀଙ୍କ ଟଙ୍କାକୁ ହଡ଼ପ କରାଯାଇଛି। ଏହାକୁ ବିରୋଧ କରି ୮ ନିର୍ଦ୍ଦେଶକ ଗତ ଡିସେମ୍ବରରେ ଇସ୍ତଫା ଦେଇଥିଲେ। ହେଲେ ୩ ମାସ ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ତେଣୁ ସମିତିରେ ହୋଇଥିବା ଦୁର୍ନୀତି ଅଭିଯୋଗର ଭିଜିଲାନ୍ସ ତଦନ୍ତ ସହ ସ୍ୱତନ୍ତ୍ର ଅଡିଟ କରାଯିବା ଓ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛି। ପଦକ୍ଷେପ ନିଆ ନ ଗଲେ ଚାଷୀମାନେ ଆନ୍ଦୋଳନ କରିବେ ବୋଲି ଦାବିପତ୍ରରେ ଚେତାବନୀ ଦିଆଯାଇଛି। ଏ ସମ୍ପର୍କରେ ଆସିଷ୍ଟାଣ୍ଟ ଅଡିଟର ଜେନେରାଲ ସାହୁ କହିଛନ୍ତି, ବିଭାଗୀୟ ଅଧିକାରୀମାନଙ୍କୁ ତଦନ୍ତ ରିପୋର୍ଟ ମଗାଯାଇ ତୁରନ୍ତ ପଦକ୍ଷେପ ନିଆଯିବ।

# ନିର୍ମାଣ ହେଉନି ଅଙ୍ଗନୱାଡ଼ି ଗୃହ, ଅବହେଳିତ ଛାତ୍ରୀଛାତ୍ର

ବନ୍ତଲା,୧୯।୨(ସୁଶିତ ସାହୁ)

ବ୍ଲକ ପ୍ରଶାସନର ଚରମ ଅବହେଳାରୁ କୁନିକୁନି ପିଲାଙ୍କୁ ଅବ୍ୟବସ୍ଥା ଓ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ପଢ଼ାଯାଉଛି। ଏଭଳି ଘଟଣା ଅନୁଗୋଳ ବ୍ଲକର ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ରରେ ଦେଖିବାକୁ ମିଳିଛି। ଫଳରେ ଅଭିଭାବକ ମହଲରେ ଘୋର ଅସନ୍ତୋଷ ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁଯାୟୀ, ଅନୁଗୋଳ ବ୍ଲକର ୩୪ଟି ପଞ୍ଚାୟତରେ ୨୬୩ ଟି ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ସେଥିମଧ୍ୟରୁ ୧୭୨ଟି କେନ୍ଦ୍ରର ନିଜସ୍ୱ ଗୃହ ଥିବାବେଳେ, ୩୯ଟି କେନ୍ଦ୍ର ବିଭିନ୍ନ ଗାଁରେ ଥିବା କୋଠଘରେ,୧୭ଟି କେନ୍ଦ୍ର ଭଡ଼ାରେ, ୨ଟି କେନ୍ଦ୍ର ବନ ସଂରକ୍ଷଣ ସମିତିରେ ଓ ୩୩ଟି କେନ୍ଦ୍ର ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟକାରୀ ହେଉଛି। ତେବେ ସରକାରୀ ତଥ୍ୟରୁ ଜଣାଯାଏ ଯେ, ୨୦୧୭/୧୮ ଆର୍ଥିକ ବର୍ଷରୁ ୫୨ଟି କେନ୍ଦ୍ରକୁ ନିଜସ୍ୱ ଗୃହନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରାଯାଇଛି। ଏଥିରୁ ୨୩ ଟି କେନ୍ଦ୍ର ଜମି ଅବ୍ୟବସ୍ଥା ପାଇଁ ଅଟକି ଥିଲାବେଳେ, ୨୯ଟି କେନ୍ଦ୍ରର ଗୃହନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ଆଜି ପର୍ଯ୍ୟନ୍ତ ଶେଷ ହୋଇପାରିନି।



ଅଙ୍ଗନୱାଡ଼ି କେନ୍ଦ୍ର।

କେତେକ ଗୃହ ଫାଉଣ୍ଡେସନ ତ ଆଉ କେତକ ଛାତ ଲେବେଲ୍ ପର୍ଯ୍ୟନ୍ତ ଓ ଆଉ କେତେକ ତାଜା ଲେବୁଲ୍‌ରେ ଅଟକି ରହିଛି। ଯୁଦ୍ଧକାଳୀନ ଭିତ୍ତିରେ ଗୃହ ନିର୍ମାଣ ପାଇଁ କନିଷ୍ଠଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ବିଭାଗ ତରଫରୁ ଦିଆଯାଇଥିଲା। ହେଲେ ଆଜିପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡ଼ିରହିଛି। ଅଯଥା କୁନିକୁନି ପିଲାଙ୍କୁ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟକୁ ଠେଲି ଦିଆଯାଉଛି। ଏ ବିଷୟରେ ସିଡିପିଓ ରୀତାଞ୍ଜଳୀ ପ୍ରଧାନ କହୁଛନ୍ତି, ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁ ନ ଥିବାରୁ ଆମେ ବିଭିନ୍ନ କୋଠଘର, ଭଡ଼ାଘର, ବିଦ୍ୟାଳୟ ଓ ବନ ସୁରକ୍ଷା ସମିତିରେ କେନ୍ଦ୍ର ପରିଚାଳନା କରୁଛୁ, ଏସଂପର୍କରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ ମଧ୍ୟ କରିଛୁ। କିନ୍ତୁ ଅନୁଗୋଳ ବଡିଓ ଡ଼ା. ବିଶ୍ୱଭୂଷଣ କହିଛନ୍ତି, ଅର୍ଥ ଅଭାବରୁ ନିର୍ମାଣ କାର୍ଯ୍ୟଶେଷ ହୋଇପାରୁନି, ଅର୍ଦ୍ଧନିର୍ମିତ ଗୃହଗୁଡିକ ବର୍ତ୍ତମାନ ବ୍ୟୟବରାଦ ଅନୁଯାୟୀ ଅଧିକ ଖର୍ଚ୍ଚ ହେବ, ଆମେ ଏଥିପାଇଁ ଅର୍ଥ ବରାଦ କରିଛୁ, ଖୁବଶିଘ୍ର ନିର୍ମାଣ କାର୍ଯ୍ୟ ଶେଷହେବ।

ଇଣ୍ଡିଆନ ବ୍ୟାଙ୍କ | Indian Bank | ALLAHABAD

ଇଣ୍ଡିଆନ ବ୍ୟାଙ୍କ, ଆଞ୍ଚଳିକ କାର୍ଯ୍ୟାଳୟ, ଇଣ୍ଡିଆନ୍ ବ୍ୟାଙ୍କ ବିଲ୍ଡିଂ, ବି-୨ (ପୂର୍ବ), ଶହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

**ଇଣ୍ଡିଆନ ବ୍ୟାଙ୍କ** ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ଏବଂ ୯ ଅନୁଯାୟୀ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ବକେୟା ରାଶି ଏବଂ ସେବାବଦ ସୁଧ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।
ଯେହେତୁ ଋଣଗ୍ରହୀତା / ଜାମିନ୍‌ଦାରମାନେ ସେମାନଙ୍କର ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା / ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ନିୟମର ଧାରା ୧୩(୪) ଅନ୍ତର୍ଗତ ରୁଲ୍ ୮ ଏବଂ ୯ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ଆକାଉଣ୍ଟର ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି।
ଏତଦ୍ ଦ୍ୱାରା ବିଶେଷ କରି ଋଣଗ୍ରହୀତା /ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ନିମନ୍ତେ **ଇଣ୍ଡିଆନ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ।
***ଏତଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ତାଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।***

| ଜଗତସିଂହପୁର ଶାଖା / ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିର ବିବରଣୀ | ଡ଼ିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ପରିମାଣ |
|---|---|---|---|---|
| **ଋଣଗ୍ରହୀତା: ଶ୍ରୀ ମହମ୍ମଦ କାମିଲ୍,** ପିତା: ମହମ୍ମଦ କାସିମ୍, ଓହଳ, ଜଗତସିଂହପୁର, ପିନ୍- ୭୫୪୧୦୩, **ସହ-ଋଣଗ୍ରହୀତା: ଶ୍ରୀମତୀ ଫିର୍ଦସ ମହାଜବିନ୍।** | **ଶ୍ରୀ ମହମ୍ମଦ କାମିଲ୍**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୨୧୪/୮୮୩, ଖାତା ନଂ.୪୮/୧୩୫, ମୌଜା: ଜୟବାଡ, ପୋ./ଜିଲ୍ଲା: ଜଗତସିଂହପୁର, ଓଡିଶା, ଏରିଆ: ଏ୦.୦୪ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ- ନଜିବ୍ ଇସ୍ତିଆକ୍ ଆଲାମ ଖାନ୍, ପୂର୍ବ- ନଜିବ୍ ଇସ୍ତିଆକ୍ ଆଲାମ ଖାନ୍, ପଶ୍ଚିମ- ପ୍ଲଟ ନଂ.୨୧୪। | ୨୦.୧୧.୨୦୨୪ | ୧୪.୦୨.୨୦୨୫ | ଟ.୧୫,୦୭,୨୫୯/- + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |
| **ଋଣଗ୍ରହୀତା: (୧)ମେସର୍ସ ଓର୍ଚ୍ଚିଡ ରିଟେଲ୍ (ପାର୍ଟନରସିପ୍ ଫାର୍ମ),** ସେଣ୍ଟ୍ରାଲ ମାର୍କେଟ, ପୋ./ଜିଲ୍ଲା: ଜଗତସିଂହପୁର, ପିନ୍- ୭୫୪୧୦୩, **(୨)ଶ୍ରୀ ମହମ୍ମଦ କାମିଲ୍ (ମ୍ୟାନେଜିଂ ପାର୍ଟନର),** ପିତା: ମହମ୍ମଦ କାସିମ୍, ଓହଳ, ଜଗତସିଂହପୁର, ପିନ୍- ୭୫୪୧୦୩, **(୩) ଶ୍ରୀ ନଜିବ୍ ଇସ୍ତିଆକ୍ ଆଲାମ୍ (ପାର୍ଟନର)।** | **ଶ୍ରୀ ନଜିବ୍ ଇସ୍ତିଆକ୍ ଆଲାମ୍ ଖାନ୍** ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୨୧୪/୭୬୯, ଖାତା ନଂ.୪୮/୧୦୮, ମୌଜା: ଜୟବାଡ, ଜଗତସିଂହପୁର, ଏରିଆ: ଏ୦.୧୩ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ-ଅମିର ଇମ୍‌ତିୟାଜ୍ ଆଲାମ୍ ଖାନ୍, ପୂର୍ବ- ଦିଲ୍‌ଦାର ଇଫ୍‌ତିୟାଜ୍ ଆଲାମ୍ ଖାନ୍, ପଶ୍ଚିମ- ଆଲ୍ଲାହା ବକ୍ସ ଏବଂ ଇଜ୍‌ରାର ବକ୍ସ। | ୨୦.୧୧.୨୦୨୪ | ୧୪.୦୨.୨୦୨୫ | ଟ.୫୦,୩୦,୨୪୦/- + ସେବାବଦ ସୁଧ, ଖର୍ଚ୍ଚଏବଂ ଅନ୍ୟାନ୍ୟ ଦେୟ |
| | **ଶ୍ରୀ ମହମ୍ମଦ କାମିଲ୍**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ ନଂ.୬୪୩, ଖାତା ନଂ.୪୯୪/୧୨୭୧, ମୌଜା: ପାରଙ୍ଗ, ଅନୁଗୁଳ, ଏରିଆ: ଏ୦.୧୨ ଡିସିମିଲି, ସମ୍ପତ୍ତିର ଚାରିପାର୍ଶ୍ୱରେ: ଉତ୍ତର- ରାସ୍ତା, ଦକ୍ଷିଣ- ରାଜେନ୍ଦ୍ର କୁମାର ସିଂ, ପୂର୍ବ- ସେଉଳ ପାତ୍ର, ପଶ୍ଚିମ- ପ୍ଲଟ ନଂ.୬୪୨। | | ୧୭.୦୨.୨୦୨୫ | |

ସ୍ଥାନ-ଭୁବନେଶ୍ୱର, ତାରିଖ-୧୯.୦୨.୨୦୨୫ — କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

# ଥାନାକୁ ଧାଇଁ ଧାଇଁ ନୟାନ୍ତ ହେଲେ ସ୍ତ୍ରୀ, ପୁଅ

**ସୂର୍ଯ୍ୟମଣି ମୃତ୍ୟୁ ମାମଲା**

■ମାସକ ପରେ ବି ମିଳିଲାନି ଏତେଲାର ନକଲ

ଢେଙ୍କାନାଳ,୧୯।୨(ରତନ ନାୟାର)


ମୃତ ସୂର୍ଯ୍ୟମଣିଙ୍କ ପତ୍ନୀ ମମତା ସେନାପତି ଓ ପୁଅ ।

କୌଣସି ଅଭିଯୋଗ ଥାନାରେ ହେବା ପରେ ତୁରନ୍ତ ଅଭିଯୋଗକାରୀଙ୍କୁ ଏତେଲାର ନକଲ ପ୍ରଦାନ କରିବାର ନିୟମ ରହିଛି । ଢେଙ୍କାନାଳ ଜିଲା ସଦର ଥାନା ଶଙ୍କରପୁର ଗ୍ରାମର ସୂର୍ଯ୍ୟମଣୀ ସେନାପତିଙ୍କ ମୃତ୍ୟୁ ମାମଲାରେ ତାଙ୍କ ସ୍ତ୍ରୀ ଗତ ୮.୦୧.୨୫ ରାତିରେ ସଦର ଥାନାରେ ସ୍ୱାମୀଙ୍କୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଥିଲେ । ଏକ ମାସରୁ ଉର୍ଦ୍ଧ୍ୱ ସମୟ ବିତିଲା ପଛେ ମୃତ ସୂର୍ଯ୍ୟମଣୀଙ୍କ ସ୍ତ୍ରୀ ମମତା ସେନାପତିଙ୍କୁ ଏତେଲାର ନକଲ ଆଜି ପର୍ଯ୍ୟନ୍ତ ମିଳିଲା ନାହିଁ । ଏତେଲାର ନକଲ ପାଇବା ପାଇଁ ମମତା, ୫ମ ଶ୍ରେଣୀର ପାଠ ପଢୁଥିବା ନିଜର ପୁଅ ସୌମ୍ୟରଞ୍ଜନଙ୍କୁ ଧରି ଥାନାଠାରୁ ଆରମ୍ଭ କରି ଏସ୍‌ପି ଓ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଧାଇଁଧାଇଁ ନୟାନ୍ତ ହୋଇସାରିଲେଣି । କିନ୍ତୁ ତାଙ୍କୁ ଏତେଲାର କପି ମିଳିଲା ନାହିଁ । କାହିଁକି ଏଥିରେ ବିଳମ୍ବ କରାଯାଉଛି, ସେ ସମ୍ପର୍କରେ କୌଣସି ସୂଚନା ଦିଆଗଲା ନାହିଁ । ଏହାକୁ ନେଇ ନିରାଶ ହୋଇପଡିଛନ୍ତି ମମତା । ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ମଧ୍ୟ ଆକର୍ଷଣ କରିଛନ୍ତି । ଗତ ୮.୦୧.୨୦୨୫ ଦିନ ସାଢେ ୧ଟା ବେଳେ ମମତାଙ୍କ ସ୍ୱାମୀ ସୂର୍ଯ୍ୟମଣୀ ନିଜ ସ୍କୁଟି ଧରି ଘରୁ ବାହାରି ଆସିଥିବା ବେଳେ ଅପରାହ୍ନରେ ମମତା ଖବର ପାଇଲେ ଯେ, ତାଙ୍କ ସ୍ୱାମୀଙ୍କର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ହୋଇଯାଇଛି । ଅବକାରୀ ବିଭାଗ କର୍ମଚାରୀମାନେ ତାଙ୍କୁ ବାଟରେ ଗାଡି ଅଟକାଇ ଧରି ମାଡମାରି ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିବା ପରେ ତାଙ୍କର ସେଠାରେ ମୃତ୍ୟୁ ହୋଇଯାଇଥିଲା ବୋଲି ମମତା ସଦର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏହି ଘଟଣାରେ ତାଙ୍କୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ମମତା ବୁଧବାର ଜିଲା କାର୍ଯ୍ୟାଳୟକୁ ଆସି ଦାବି କରିଛନ୍ତି । ଏ ସଂକ୍ରାନ୍ତରେ ସଦର ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ରାଉତ କୁହନ୍ତି ଯେ, ଉକ୍ତ ଘଟଣାକୁ ନେଇ ଅବକାରୀ ବିଭାଗର ଅଭିଯୋଗ ଉପରେ ଏକ ମାମଲା ରୁଜୁ କରାଯିବା ପରେ ମମତା ସେନାପତିଙ୍କ ଅଭିଯୋଗକୁ ମଧ୍ୟ ଉକ୍ତ ମାମଲା ସହ ଯୋଡି ଦିଆଯାଇଛି । ଏହି କେସ୍ ଏବେ ତଦନ୍ତ ପରିସର ମଧ୍ୟରେ ରହିଛି । ଅଭିଯୋଗର ଏକ ନକଲ ପ୍ରଦାନ କରିବାରେ କିଛି ଅସୁବିଧା ନାହିଁ । ତାଙ୍କୁ ନେଇଯିବା ପାଇଁ ଆମେ କହିଥିଲୁ । ସେ ନେଇଛନ୍ତି କି ନାହିଁ, ମୁ ଜାଣିନି ବୋଲି ଥାନା ଅଧିକାରୀ କହିଛନ୍ତି ।

# ଜିଲାପାଳଙ୍କ ଦକ୍ଷତା ବିକାଶ କେନ୍ଦ୍ର ପରିଦର୍ଶନ


ଜିଲାପାଳ ଦକ୍ଷତା ବିକାଶ କେନ୍ଦ୍ର ପରିଦର୍ଶନ କରୁଛନ୍ତି ।

ଢେଙ୍କାନାଳ,୧୯।୨(ରତନ ନାୟାର)

ଢେଙ୍କାନାଳ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ମଙ୍ଗଳବାର ସହରସ୍ଥିତ ବସଷ୍ଟାଣ୍ଡ ନିକଟସ୍ଥ ଜାତୀୟ ଦକ୍ଷତା ବିକାଶ କେନ୍ଦ୍ର ପରିଦର୍ଶନ କରିଥିଲେ । ଏହି ଅବସରରେ ସେ କେନ୍ଦ୍ରରେ ତାଲିମ ନେଉଥିବା ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ । ଲେସନ ପ୍ଲାନ ବିଷୟରେ କେନ୍ଦ୍ରର ତାଲିମଦାତା, ରାଜ୍ୟ ଦକ୍ଷତା ବିକାଶ କେନ୍ଦ୍ରର ଅଧିକାରୀ ତାଙ୍କୁ ଅବଗତ କରାଇଥିଲେ । ଏହି ଅବସରରେ କେନ୍ଦ୍ରର କର୍ମକର୍ତ୍ତାମାନେ ପାୱାର ପଏଣ୍ଟ ମାଧ୍ୟମରେ ଚାଲିଥିବା ପାଠ୍ୟକ୍ରମ ଓ ଛାତ୍ରୀଛାତ୍ରଙ୍କ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ । ଏହି ତାଲିମ କାର୍ଯ୍ୟକ୍ରମକୁ ଆବାସୀକ କରିବା ପାଇଁ ଜିଲାପାଳଙ୍କୁ ପ୍ରସ୍ତାବ ଦିଆଯାଇଥିଲା । ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତିରଞ୍ଜନ ସେଠି, ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତି, ଜିଲା ନିଯୋଜନ ଅଧିକାରୀ କେ. ରୋଜାଦୋରା, କେନ୍ଦ୍ରର ରାଜ୍ଯ ମୁଖ୍ୟ ସ୍ମିତିରଞ୍ଜନ ବିଶ୍ୱାଳ, କ୍ଲଷ୍ଟର ହେଡ୍ ଦୀପକ କୁମାର ପାତ୍ର, ଢେଙ୍କାନାଳ କେନ୍ଦ୍ରର ଇନ୍‌ଚାର୍ଜ ଫାଲ୍ଗୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଏନ୍‌ଜିଟିର ତାଗିଦ ସତ୍ତ୍ୱେ ନିଶ୍ଚିନ୍ତା ପାହାଡ଼ରେ ଚୋରା ପଥର କାରବାର

ଢେଙ୍କାନାଳ,୧୯।୨(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ନିହଲ ପ୍ରସାଦ ଥାନା ଅଞ୍ଚଳରେ ଥିବା ନିଶ୍ଚିନ୍ତା ପାହାଡରେ ଜାତୀୟ ଗ୍ରୀନ ଟ୍ରିବୁନାଲର ତାଗିଦ ସତ୍ତ୍ୱେ ପୁଣି ଚୋରା କାରବାର ମଙ୍ଗଳବାର ଠାରୁ ବୃଦ୍ଧି ପାଇଥିବା ଅଭିଯୋଗ ହୋଇଛି । ଚୋରା ପଥର ବ୍ୟବସାୟୀମାନେ ଯାଜପୁର ଅଞ୍ଚଳପଟୁ ଆସି ପୋକଲିନ ମେଶିନ ଓ ଭାରିଯାନ ସହ ପୂର୍ବଭଳି ବେନିୟମ ବ୍ଲାଷ୍ଟିଂ ଓ ପଥର ଚୋରାଚାଲାଣ କରୁଥିବା ବୁଧବାର ରାଜ୍ୟ ସରକାରଙ୍କୁ ପୂର୍ବତନ ବିଧାୟକ ନବୀନ ନନ୍ଦ ଏକ୍ସ ଜରିଆରେ ଅବଗତ କରାଇଛନ୍ତି। ଏ ସମ୍ପର୍କରେ ଜିଲା ପ୍ରଶାସନ, ଢେଙ୍କାନାଳ ବନ ବିଭାଗ, ଖଣି ବିଭାଗ ଓ ରାଜସ୍ୱ ବିଭାଗ ଜାଣିଶୁଣି କାହିଁକି ନିରବ ବୋଲି ପୂର୍ବତନ ବିଧାୟକ ପ୍ରଶ୍ନ ଉଠାଇଛନ୍ତି । ଗତ ୧୭.୦୨.୨୦୨୫ରେ ୟୁଥ୍ ୟୁନାଇଟେଡ୍ ସଷ୍ଟେନେବୁଲ ଏନଭାରୋମେଣ୍ଟ ଟ୍ରଷ୍ଟ ପକ୍ଷରୁ ହୋଇଥିବା ଏକ ମାମଲା ଉପରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ ଇଷ୍ଟର୍ଣ୍ଣ ଜୋନ୍ ବେଞ୍ଚ କଲିକତାଙ୍କ ପକ୍ଷରୁ ଏ ସମ୍ପର୍କରେ ନିର୍ଦ୍ଦେଶ ମାଧ୍ୟମରେ ତାଗିଦ କରାଯାଇଥିଲା ବୋଲି ପୂର୍ବତନ ବିଧାୟକଙ୍କ ସୂତ୍ରରୁ ଜଣାପଡିଛି। ଅନ୍ୟପଟରେ ପଥର ବ୍ୟବସାୟୀଙ୍କୁ ପୋଲିସ ଓ ପ୍ରଶାସନ ଭୟ କରୁଥିବାର ଆଲୋଚନା ହେଉଛି। ଗତ ଡିସେମ୍ବର ୩୧ରେ ହୋଇଥିବା ବଡ଼ଧରଣର ଚଢାଉରେ ପ୍ରକୃତ ଦୋଷୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇନଥିବା ମଧ୍ୟ ଅଭିଯୋଗ ହୋଇଛି ।

# ଏମ୍‌ଏମ୍‌ସିସି ସମ୍ବଲପୁର ସେମିରେ

■ପ୍ରଥମ ସର୍ବଭାରତୀୟ ଢେଙ୍କାନାଳ କପ୍ କ୍ରିକେଟ୍

■ଶୁଭମ ଶତ୍ରୁଜିତଙ୍କ ଶତକ


ଶୁଭମ ଶତ୍ରୁଜିତଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି ।

ଢେଙ୍କାନାଳ,୧୯।୨(ରତନ ନାୟାର)

ଢେଙ୍କାନାଳ ପ୍ରୟାସ ଅନୁଷ୍ଠାନ ପକ୍ଷରୁ ସହରସ୍ଥିତ ମୁଖ୍ୟ ଷ୍ଟାଡିୟମଠାରେ ଅନୁଷ୍ଠିତ ହେଉଥିବା ପ୍ରଥମ ସର୍ବଭାରତୀୟ ଢେଙ୍କାନାଳ କପ୍ କ୍ରିକେଟ୍ ପ୍ରତିଯୋଗିତାର ୪ର୍ଥ କ୍ୱାଟର ଫାଇନାଲ ମ୍ୟାଚରେ ବୁଧବାର ରକେଟ୍ ଏକାଦଶ ବମ୍ବେକୁ ୫୩ରନରେ ପରାସ୍ତ କରି ଏମ୍‌ଏମ୍‌ସିସି ସମ୍ବଲପୁର ଦଳ ସେମି ଫାଇନାଲରେ ପ୍ରବେଶ କରିଛନ୍ତି । ଏମ୍‌ଏମ୍‌ସିସି ସମ୍ବଲପୁର ଦଳ ଟସ୍‌ରେ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୧୯୨ରନ କରିଥିଲେ। ଦଳ ପକ୍ଷରୁ ଶୁଭମ ଶତ୍ରୁଜିତ୍ ୬୦ଟି ବଲରେ ୭ଟି ଛକା ଓ ୧୧ଟି ଚୌକା ଦ୍ୱାରା ୧୧୦ରନ କରିଥିଲେ । ବମ୍ବେ ଦଳ ପକ୍ଷରୁ ଅଭିଷେକ କୁମାର ୪ ଓଭରରେ ୨୦ରନ ଦେଇ ୩ଟି ୱିକେଟ ନେଇଥିଲେ । ଜବାବରେ ରକେଟ୍-୧୧ ବମ୍ବେ ଦଳ ୧୭.୧ ଓଭରରେ ୧୩୯ରନ କରି ଦଳର ସମସ୍ତ ଖେଳାଳି ଆଉଟ୍ ହୋଇଯାଇଥିଲେ । ଦଳ ପକ୍ଷରୁ ତାରିଫ ଖାଁ ସର୍ବାଧିକ ୪୦ରନ କରିଥିଲେ । ଏମ୍‌ଏମ୍‌ସିସି ସମ୍ବଲପୁର ପକ୍ଷରୁ ତରଣୀ ସାହା ୨ଓଭରରେ ୪ରନ ଦେଇ ୩ଟି ୱିକେଟ ନେଇଥିଲେ । ବିଜୟୀ ଏମ୍‌ଏମ୍‌ସିସି ସମ୍ବଲପୁର ଦଳର ଶୁଭମ ଶତ୍ରୁଜିତ୍ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ । ଏହି ମ୍ୟାଚକୁ ଅମ୍ପାୟାର ସୌମେନ୍ଦ୍ର ପାତ୍ର ଓ ତପନ ବେହେରା ପରିଚାଳନା କରିଥିଲେ। ସୁଶିଲ କୁମାର ସୁନ୍ଦରରାୟ ସ୍କୋରରେ ରହିଥିଲେ । ସନ୍ଦିପ ପଣ୍ଡା ଧାରା ବିବରଣୀ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ମୁଖ୍ୟ ଅତିଥି ଭାବେ ସଦର ବ୍ଲକ ଅଧ୍ୟକ୍ଷ କାଳନ୍ଦି ବାରିକ, ସମ୍ମାନିତ ଅତିଥି ଭାବେ ବିଡିଓ ରାହୁଲ ମଣ୍ଡଳ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କ ପ୍ରତିନିଧି ଜ୍ଞାନ ରଞ୍ଜନ ନାୟକ, ବିଷ୍ଣୁ ପ୍ରସାଦ ଲେଙ୍କା, ରୁଦ୍ର ନାରାୟଣ ତ୍ରିପାଠୀ, କାଇମାଟି ସରପଞ୍ଚ ଅମିତ ଜ୍ୟୋତି ସ୍ୱାଇଁ ଓ ଭାଜପା ରାଜ୍ୟ ପରିଷଦ ସଦସ୍ୟା ଭାରତୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ଜିଲା ଭାଜପା ମିଡିଆସେଲ ପ୍ରଭାରୀ ନବକିଶୋର ଗୁରୁ, ରଣଜିତ ବିଶାଲ, ଧ୍ରୁବଚରଣ ସ୍ୱାଇଁ, ଏମ୍‌ଜେ ମହିମା, ସୁଚିତ୍ର ବେହେରା, ଅଭିମନ୍ୟୁ ପଣ୍ଡା ପ୍ରମୁଖ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ । ପ୍ରଥମ ସେମି ଫାଇନାଲରେ ସିଏଲ୍‌ଡବ୍ଲୁ କଲିକତା, ସୋଲାର କ୍ରିକେଟ କ୍ଲବ କଟକକୁ ଭେଟିବ ।

# ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକଙ୍କ ସମ୍ମିଳନୀ



ଢେଙ୍କାନାଳ,୧୯।୨(ରତନ ନାୟାର)

ଢେଙ୍କାନାଳ ଜିଲାସ୍ତରୀୟ ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକମାନଙ୍କର ସମ୍ମିଳନୀ କପିଳାସ ବିଜ୍ଞାନ ଉଦ୍ୟାନଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ପୁରୁଷୋତ୍ତମ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ମାୟାଧର ସାହୁ, ନବ କିଶୋର ଦେହୁରୀ, ସୁରେନ୍ଦ୍ର ଜେନା ଯୋଗଦେଇ ଶାରୀରିକ ଶିକ୍ଷା ଶିକ୍ଷକମାନଙ୍କର ସଂଗଠନକୁ ସୁଦୃଢ କରିବାକୁ ମତ ଦେଇଥିଲେ । ସମ୍ମିଳନୀରେ ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ଯୁଗଳ ମିଶ୍ର, ଶରତ ଚନ୍ଦ୍ର ନାୟକ, ବିଜୟ କୁମାର ଦେହୁରୀ, ପ୍ରାଣବନ୍ଧୁ ସାହୁ, ସନ୍ତୋଷ ପରିଡା, ବିଜୟ ନନ୍ଦ, ଅକ୍ଷୟ କୁମାର ଜେନା, ରବି ନାରାୟଣ ରାଉତ, କୃତିବାସ ସାହୁଙ୍କ ସମେତ ଢେଙ୍କାନାଳ ଜିଲାର ୮ଟି ବ୍ଲକ୍‌ରୁ ୩୨ଜଣ ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ଯୋଗ ଦେଇଥିଲେ । ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ନରେଶ କୁମାର ମହାରଣା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଶିକ୍ଷକ ପ୍ରଶାନ୍ତ କୁମାର ଧଳ ଧନ୍ୟବାଦ ଅର୍ପଣ କରିଥିଲେ ।

# କଇଁଛ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



ଭୁବନ, ୧୯।୨( ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବନାଞ୍ଚଳ ପକ୍ଷରୁ ସୋମବାର କଇଁଛ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଭୁବନ ବନାଞ୍ଚଳ ରାଙ୍କିଆଠାରୁ ବୁଢିଲ ମଧ୍ୟ ଭାଗଦେଇ ରହିଯାଇଥିବା ବ୍ରାହ୍ମଣୀ ନଦୀରେ କଇଁଛ ଦେଖାଦେଇଥାନ୍ତି। ବିଗତ ଦିନରେ ଆଖପାଖ ଅଞ୍ଚଳରୁ ମାଛଧରାଳି ନଦୀରେ ଡିନାମାଇଟ୍ ଫୁଟାଇ କଇଁଛମାନଙ୍କୁ ମାରିଦେଇଥାନ୍ତି। ସେଥିପାଇଁ ବନବିଭାଗ ପକ୍ଷରୁ ସୁରକ୍ଷା କର୍ମୀ ନିୟୋଜିତ କରାଯାଇଛି। ଏହି ଅଞ୍ଚଳରେ ୬ଟି ପ୍ରଜାତିର କଇଁଛ ଦେଖାଦେଇଥାନ୍ତି। ସେଥିରେ ମୟୁରଚୁଲିଆ, ପଙ୍କୁଆ ଓ କାମୁଡ଼ା କଇଁଛ ଅଧିକ ରହିଛନ୍ତି। ପୂର୍ବବର୍ଷଠାରୁ ଚଳିତ ବର୍ଷ କଇଁଛ ସଂଖ୍ୟା ବୃଦ୍ଧି ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି। ଦାୟୀତ୍ୱରେ ଥିବା କର୍ମଚାରୀମାନେ ସକାଳ ଓ ସନ୍ଧ୍ୟା ସମୟରେ ମାଛ ଧରାଳି ଓ କଇଁଛ ଧରାଳି ପ୍ରତି ନଜର ରଖି ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥାନ୍ତି। ସେମାନଙ୍କ ସୁରକ୍ଷା ପାଇଁ ଭୈରୀପୁର ଯାତ୍ରା ପଡ଼ିଆରେ କଇଁଛ ସୁରକ୍ଷା ପାଇଁ ଅଞ୍ଚଳବାସୀଙ୍କ ପାଇଁ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ସେଥିରେ ଢେଙ୍କାନାଳ ଜିଲା ବନବିଭାଗ ଡିଏଫଓ ସୁମିତ କୁମାର କର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ସୁରକ୍ଷା ସହିତ ବ୍ରାହ୍ମଣୀ ନଦୀରେ ବସବାସ କରୁଥିବା କଇଁଛକୁ ସୁରକ୍ଷା ଦେଲେ ନଦୀର ପରିବେଶ ସୁରକ୍ଷା ରହିପାରିବ ବୋଲି କହିଥିଲେ। ସେଥିରେ ଅନ୍ୟତମ ଅତିଥି ଭାବେ କାମାକ୍ଷାନଗର ୩ ନମ୍ବର ଜିଲାପରିଷଦ ଜୋନ୍‌ର ଅବନ୍ତି ସେଠୀ, ଭୈରୀପୁର ପଞ୍ଚାୟତ ସରପଞ୍ଚ ଆରତୀ ରାଉତ, ବୁଢିଲି ପଞ୍ଚାୟତ ସରପଞ୍ଚ ସସ୍ମିତା କୁମାରୀ ସାହୁ, ବୁଢିଲି ପଞ୍ଚାୟତ ସମିତି ସଭ୍ୟା ସୌଭାଗ୍ୟମୟୀ ରାଉତ ଅତିଥି ଭାବେ ଯୋଗଦେଇ କଇଁଛ ସୁରକ୍ଷା ସମ୍ପର୍କରେ ମାର୍ଗଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମକୁ ଭୁବନ ରେଞ୍ଜର ରାକେଶ କୁମାର ଦଳେଇ ପରିଚାଳନା କରିଥିବା ବେଳେ ଫରେଷ୍ଟର କିତା ବିଶାଳ, ଫରେଷ୍ଟର ମମତା କଁଅରଙ୍କ ସହିତ ସମସ୍ତ ବନ କର୍ମଚାରୀ ସହଯୋଗ କରିଥିଲେ।

# ତୁକୁଡ଼ା ପ୍ରିମିୟର ଲିଗ୍: ୧୧ ଷ୍ଟାର ଚାମ୍ପିୟନ



ଛେଣ୍ଡିପଦା,୧୯।୨(ଅଜିତ୍ ଧଳ)

ଛେଣ୍ଡିପଦା ବ୍ଲକ ତୁକୁଡ଼ା ହାଇସ୍କୁଲ ପଡ଼ିଆରେ ୟଙ୍ଗଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୧୧ତମ ତୁକୁଡ଼ା ପ୍ରିମିୟର ଲିଗ୍ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ରୁଦ୍ର ୱାରିୟର୍ସ ଓ ୧୧ ଷ୍ଟାର ଭିତରେ ଖେଳାଯାଇଥିବା ବେଳେ ୧୧ ଷ୍ଟାର ବିଜେତା ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅଗସ୍ତି ବେହେରା, ସମ୍ମାନିତ ଅତିଥି ଭାବେ ଭାଜପା ଯୁବମୋର୍ଚ୍ଚା ସଭାପତି ତପନ ଦେବତା, ଗ୍ରାମ ସଭାପତି ପ୍ରଭାତ ଦେହୁରୀ, ଗ୍ରାମ ସମ୍ପାଦକ ସନ୍ତୋଷ ସାହୁ, ବୀରେନ ସାହୁ, ଅରୁଣ ସାହୁ, ବେଣୁଧର ସାହୁ, ଚିତ୍ରସେନ ସାହୁ, ସୁମନ୍ତ ସାହୁ, ଈଶ୍ୱର ଚନ୍ଦ୍ର ଦେହୁରୀ, ଅର୍ଜୁନ ସାହୁ ପ୍ରମୁଖ ଯୋଗଦାନ କରି ଟ୍ରଫି ପ୍ରଦାନ କରିଥିଲେ। ୫ ଟି କ୍ରିକେଟ ଟିମ୍‌ର ମାଲିକ ସୁଧୀର ଦେହୁରୀ, ପ୍ରବୀର ବେହେରା, ଶିବୁ ନାଏକ, ନିଶୁ ସାହୁ, କର୍ଣ୍ଣଚନ୍ଦ୍ର ଦେହୁରୀ, ଲିକୁନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଗୌତମ ମୁଦୁଲି ଏବଂ ରାକେଶ ସାହୁ ଖେଳ ପରିଚାଳନା କରିଥିଲେ। ବ୍ୟାସଦେବ ମହାପାତ୍ର ଏବଂ ସଞ୍ଜୟ ଗଡ଼ନାୟକ ସହଯୋଗ କରିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ସନ୍ତୋଷ ନାଏକ ଏବଂ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ଜନ୍ମେଜୟ ପ୍ରଧାନ ପୁରସ୍କାର ପାଇଥିଲେ।

# ଦୌଡ଼କୁଦ ପ୍ରତିଯୋଗିତା ନିମନ୍ତେ ଖେଳାଳି ଚୟନ

ଢେଙ୍କାନାଳ,୧୯।୨(ରତନ ନାୟାର)

ଓଡିଶା ସରକାରଙ୍କ ଦ୍ୱାରା ଆଗାମୀ ମାର୍ଚ୍ଚ ୧୦ରୁ ୧୨ ପର୍ଯ୍ୟନ୍ତ ପାଟନା, ବିହାରଠାରେ ବିଂଶତମ ଦୌଡକୁଦ ପ୍ରତିଯୋଗିତା ନିମନ୍ତେ ଯୋଗ୍ୟ ଖେଳାଳିମାନଙ୍କ ଏକ ଚୟନ ପରୀକ୍ଷା ଚଳିତ ଫେବୃଆରୀ ୨୨ ତାରିଖରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହେବ । ଆଥ୍ଲେଟିକ ଫେଡେରେସନ୍ ଇଣ୍ଡିଆ ସୂଚନା ଅନୁସାରେ ଭାଗନେବାକୁ ଇଚ୍ଛୁକ ଖେଳାଳିମାନେ ୨୦୦୮ ରୁ ୨୦୦୯ ମଧ୍ୟରେ ଜନ୍ମଗ୍ରହଣ ହୋଇଥିବା ଆବଶ୍ୟକ । ଏଥିରେ ଭାଗନେବାକୁ ଇଚ୍ଛୁକ ଖେଳାଳିମାନେ ଅଧିକ ଜାଣିବା ପାଇଁ ଜିଲା କ୍ରୀଡା ସଂଘର କାର୍ଯ୍ୟାଳୟରେ ଦିନ ୧୧ ଘଟିକା ଠାରୁ ଦିନ ୨ ଘଟିକା ମଧ୍ୟରେ ପହଁଚି ଯୋଗାଯୋଗ କରିବା ପାଇଁ ଜିଲା କ୍ରୀଡା ସଂଘର ସଂପାଦକ ନଳିନୀ କୁମାର ଦାସ ସୂଚନା ଦେଇଛନ୍ତି ।

# ଆଜି କେନ୍ଦ୍ର ମହିଳା ଓ ବାଲ୍‌ବିକାଶ ରାଷ୍ଟ୍ରମନ୍ତ୍ରୀଙ୍କ ଢେଙ୍କାନାଳ ଗସ୍ତ

ଢେଙ୍କାନାଳ,୧୯।୨(ରତନ ନାୟାର

କେନ୍ଦ୍ର ସରକାରଙ୍କ ମହିଳା ଓ ବାଳ ବିକାଶ ମନ୍ତ୍ରାଳୟର ରାଷ୍ଟ୍ର ମନ୍ତ୍ରୀ ସାବିତ୍ରୀ ଠାକୁର ଗୁରୁବାର ପୂର୍ବାହ୍ନ ୧୦ଟା ୪୫ ମିନିଟରେ ଭୁବନେଶ୍ୱରରୁ କାର ଯୋଗେ ଆସି ଢେଙ୍କାନାଳ ସର୍କିଟ ହାଉସଠାରେ ପହଁଚିବେ। ସେଠାରୁ ସେ କେତେକ ଅଙ୍ଗନୱାଡି କେନ୍ଦ୍ରରେ ବାଲ ଦେଖିବାଲ ସଂସ୍ଥାନ ଦ୍ୱାରା ଚାଲୁଥିବା ୱାନ୍ ଷ୍ଟପ୍ ସେଣ୍ଟରକୁ ବୁଲି ଦେଖିବେ । ଏହାପରେ ମଧ୍ୟାହ୍ନ ୧୨ଟାରେ ଜିଲା ପ୍ରଶାସନ ସହିତ ଏକ ସମୀକ୍ଷା ବୈଠକରେ ଯୋଗଦେବେ। ଏହାପରେ ଦିନ ସାଢେ ୧ଟା ବେଳେ ସେ ଢେଙ୍କାନାଳରୁ ଅନୁଗୋଳ ଅଭିମୁଖେ ଯାତ୍ରା କରିବେ ।

# ଉଦ୍‌ଘାଟନୀ ମ୍ୟାଚରେ ଖୁଣ୍ଟକଟା ବିଜୟୀ



ଢେଙ୍କାନାଳ,୧୯।୨(ରତନ ନାୟାର)

**ନାସିର୍ ଅହମ୍ମଦ ମେମୋରିଆଲ୍ ଫୁଟ୍‌ବଲ୍**

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ଗୁଣ୍ଡିଚାପଡାସ୍ଥିତ ରତ୍ନପ୍ରଭା ଦେବୀ ଷ୍ଟାଡିୟମ୍‌ଠାରେ ଶାରଳା କ୍ଲବ୍ ଆନୁକୂଲ୍ୟରେ ୪ର୍ଥ ନାସିର୍ ଅହମ୍ମଦ ଅଲ୍ଲୀ ମେମୋରିଆଲ୍ ଫୁଟବଲ୍ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ଗୁଣ୍ଡିଚାପଡା ଗ୍ରାମ ସଭାପତି ମୀନକେତନ ସାହୁ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫୁଟ୍‌ବଲ୍ ଆସୋସିଏସନ୍‌ର ସଭାପତି ପୁରୁଷୋତ୍ତମ ରାଉତ ଓ ବାବା ଚନ୍ଦ୍ରଶେଖର ଫୁଟ୍‌ବଲ୍ ଆସୋସିଏସନ୍‌ର ଉପଦେଷ୍ଟା ଗଙ୍ଗାଧର ରାଉତ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଆଠଗଡ଼ର ଖୁଣ୍ଟକଟା ଫୁଟ୍‌ବଲ୍ ଟିମ୍ ୨-୦ ଗୋଲ୍‌ରେ ଗୁଣ୍ଡିଚାପଡା ଫୁଟ୍‌ବଲ୍ ଟିମ୍‌କୁ ପରାସ୍ତ କରିଛି । କ୍ଲବ୍‌ର ସଭାପତି ମଇଉଦ୍ଦିନ୍ ଖାଁ ଓ ସଂପାଦକ ପ୍ରକାଶ କୁମାର ସାହୁ ଉପସ୍ଥିତ ରହି ଖେଳକୁ ଶୃଙ୍ଖଳା ଭାବେ ପରିଚାଳନା କରିଥିଲେ । ରେଫରୀ ଭାବେ ଅନିଲ୍ ନନ୍ଦ, ଅମୂଲ୍ୟ ସାମଲ ଓ ମନୋଜ ସେଠୀ ଖେଳକୁ ପରିଚାଳନା କରିଥିଲେ । ଘୋଷକ ଭାବେ ସ୍ୱରୂପ କୁମାର ସାହୁ ରହିଥିଲେ। ୨୪ ତାରିଖରେ ଫାଇନାଲ୍ ଖେଳ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

**ଜିଲାସ୍ତରୀୟ ନିପୁଣ ମେଳା**

# ପିଲାଙ୍କୁ ଚିହ୍ନିବା ଓ ବୁଝିବା ସବୁଠୁ ବଡ଼ ଆହ୍ୱାନ

ଢେଙ୍କାନାଳ,୧୯।୨(ରତନ ନାୟାର)



ନିପୁଣ ମେଳା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ ।

ଢେଙ୍କାନାଳ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନଠାରେ ଜାତୀୟ ଶିକ୍ଷାନୀତି-୨୦୨୦ରେ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଉପରେ ଗୁରୁତ୍ୱ ଦେବାକୁ ଯାଇ ନିପୁଣ ଓଡିଶା ମିଶନ ଅଧିନରେ ବୁଧବାର ଜିଲାସ୍ତରୀୟ ନିପୁଣ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ କହିଲେ ଯେ, ପିଲାଙ୍କୁ ଚିହ୍ନିବା ଓ ବୁଝିବା ସବୁଠୁ ବଡ ଆହ୍ୱାନ । ନିଜ ପିଲା ଦିନର ଅନୁଭୂତି ଓ ବିଦ୍ୟାଳୟରେ ପାଠ ପଢିବାର ପ୍ରକ୍ରିୟା ସମ୍ପର୍କରେ ବୁଝାଇବାକୁ ଯାଇ ଜିଲାପାଳ କହିଲେ ଯେ, ପିଲାଙ୍କୁ ବୁଝି ନପାରିଲେ ପଢେଇ ହେବନାହିଁ । ଖୁବ ଆଦର, ଯତ୍ନ ଓ ସ୍ନେହ କଲେ ସେମାନେ ବ୍ୟବସ୍ଥା ସହ ଖାପ ଖୁଆଇ ପାରିବେ । ନଚେତ୍ ପିଲା ପଛେଇ ଯିବେ ଓ ଆଗକୁ ବଢିପାରିବେ ନାହିଁ । ସେଥିପାଇଁ ଶିକ୍ଷକମାନଙ୍କୁ ଯତ୍ନବାନ ହେବାକୁ ପଡିବ । ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଶିକ୍ଷୟିତ୍ରୀ ଶିକ୍ଷକଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷାବିତ ଡ. ସୁସନ୍ଧ୍ୟା ମହାନ୍ତି କହିଲେ ଯେ, ଶିଶୁ ମନସ୍ତତ୍ୱକୁ ବୁଝି, ଶିକ୍ଷାଦାନ କାର୍ଯ୍ୟକ୍ରମ ସ୍ଥିର ହେଉ । ଶିକ୍ଷକ ପିଲାର ନିକଟତର ହୋଇ ଅନ୍ତରଙ୍ଗତାର ସହ ପାଠ ପଢାନ୍ତୁ । ତେବେ ପିଲାଙ୍କ ମୁହଁରେ ହସ ଫୁଟିପାରିବ । ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିତା ସ୍ନେହଲତା ରାଜ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷାଶାସ୍ତ୍ର ସଂଯୋଜିକା ଶୁଭଲକ୍ଷ୍ମୀ ସାହୁ ନିପୁଣ ଓଡିଶା ଶପଥପାଠ କରାଇଥିଲେ । ବାରିହାପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ନିପୁଣ ଓଡିଶା ସଙ୍ଗୀତରେ ନୃତ୍ୟ ପରିବେଷଣ କରିଥିଲେ । ବରିଷ୍ଠ ପ୍ରଶିକ୍ଷିକା କଲ୍ୟାଣୀ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ । ନିପୁଣ ମେଳା ଉପଲକ୍ଷେ ଅଭିନବ ଶିକ୍ଷାଶାସ୍ତ୍ର ତଥା କଣ୍ଢେଇନାଚ, ଅଭିନୟ, ଆଲୋଚନା ମାଧ୍ୟମରେ ଏକ ପ୍ରଦର୍ଶନମୂଳକ ଶିକ୍ଷାଦାନ ଆୟୋଜିତ ହୋଇଥିଲା । ଏଥିରେ ଡମୋଳ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ଶିକ୍ଷକ ପ୍ରବିଣ ରାଉତ ଚିତାକର୍ଷକ ଶିକ୍ଷଣ କାର୍ଯ୍ୟ ପରିଚାଳନା କରିଥିଲେ । ଜିଲାର ୮୦ଜଣ ଶିକ୍ଷୟିତ୍ରୀ ଶିକ୍ଷକ, ୨୫ଜଣ ସିଆରସିସିଙ୍କ ଦ୍ୱାରା ୧୨୭ଟି ଶିକ୍ଷଣ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା । ସେହିପରି ସ୍ୱତନ୍ତ୍ର ଆଲୋଚନା ପ୍ରସଙ୍ଗରେ ଦଳଗତ ଆଲୋଚନା ଅନୁଷ୍ଠିତ ହୋଇଥିଲା । ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଦ୍ୱାରା ମଡେଲ ଶିଶୁ ବାଟିକାକୁ ଜିଲାପାଳ ଉଦଘାଟନ କରିଥିଲେ । ସେଥିରେ ଲିଟେରାସୀ କୋଣ, ସଂଖ୍ୟାଜ୍ଞାନ କୋଣ, ଖେଳନା କୋଣ, ବାଲୁକା କୋଣ, ପିସ୍ କୋଣ, ଆକ୍ଟିଭିଟ୍ କୋଣ ରହିଛି । ସେହିପରି ଶିଶୁ ଉପଯୋଗୀ ବିଲ୍ଡିଂ ବ୍ଲକ, ସାପସିଡି, ବିଭିନ୍ନ ଗପକାର୍ଡ ଓ ମୁଖା ଆଦି ରହିଛି । ଅପରାହ୍ନରେ ପୁରସ୍କାର ବିତରଣ ଉତ୍ସବ ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଶିକ୍ଷାବିତ ସୁସନ୍ଧ୍ୟା ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ରବିନ କୁମାର ଶତପଥୀ, ବରିଷ୍ଠ ପ୍ରଶିକ୍ଷକ ସ୍ନେହଲତା ରାଜ, ସୌମ୍ୟା ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଶିକ୍ଷିକା ପ୍ରତିଭା ଦଳେଇ ଧନ୍ୟବାଦ ଦେଇଥିଲେ । ଉଦଘାଟନୀ ଓ ଉଦଯାପନୀ କାର୍ଯ୍ୟକ୍ରମକୁ ରସାସିଂହ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଚନ୍ଦନ କୁମାର ନାୟକ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସର ରାଜ୍ୟ ପୁରସ୍କାରପ୍ରାପ୍ତ ଜିଲା ସଂଯୋଜକ ଡ. ଦେବୀ ପ୍ରସାଦ ମିଶ୍ର ସ୍ୱତନ୍ତ୍ର ନିମନ୍ତ୍ରିତ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ ।

**ଟ୍ରକ୍ ପଛରେ ଟ୍ରକ୍ ଧକ୍କା, ଚାଳକ ଗୁରୁତର**

ବଇଣ୍ଡା,୧୯।୨(ପରିକ୍ଷିତ ସାହୁ): କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା ବଇଣ୍ଡାଠାରେ ବୁଧବାର ସକାଳେ ଟ୍ରକ୍ ପଛରେ ଏକ ଟ୍ରକ୍ ଭାରସାମ୍ୟ ହରାଇ ପିଟିହେବା ଫଳରେ ଚାଳକ ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଅଞ୍ଚଳବାସୀ ଉଦ୍ଧାରକରି ବଇଣ୍ଡା ମେଡିକାଲରେ ଭର୍ତ୍ତି କରିଥିବାବେଳେ ପରିଚୟ ଜଣାପଡ଼ିନାହିଁ। ବଇଣ୍ଡା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



# ଚନ୍ଦନପୁରକୁ ଘାରିଲାଣି ଜଳସଙ୍କଟ

■ ନଳକୂପରୁ ବାହାରୁଛି ନାଲି ପାଣି
■ କୂଅ ଜଳ ବ୍ୟବହାର ଅନୁପଯୋଗୀ

**ଅନୁଗୋଳ,୧୯।୨(ମାନସ ବିଶ୍ୱାଳ)**

ଅନୁଗୋଳ ଜିଲାରେ ତାପମାତ୍ରା ୩୫ ଡିଗ୍ରୀ ଛୁଇଁଲାଣି। ନଳକୂପ, କୂଅର ଜଳସ୍ତର ହ୍ରାସ ପାଇଲାଣି। ଆଗକୁ ତାତି ଆହୁରି ବଢ଼ିବାକୁ ଥିବାବେଳେ ଏବେଠାରୁ ଆରମ୍ଭ ହେଲାଣି ପାନୀୟ ଜଳ ସଂକଟ। ଅନୁଗୋଳ ବ୍ଲକ କାଙ୍ଗୁଲା ବେନ୍ତପୁର ପଞ୍ଚାୟତର ଚନ୍ଦନପୁର ଅଞ୍ଚଳରେ ଦେଖାଦେଇଥିବା ଏହି ପାନୀୟ ଜଳ ସମସ୍ୟାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି। ପ୍ରତିବର୍ଷ ଗ୍ରାମରେ ଜଳସଂକଟ ଦେଖାଦେଉଥିଲେ ମଧ୍ୟ ଏହାର ସ୍ଥାୟୀ ସମାଧାନ ବ୍ୟବସ୍ଥା କରାଯାଉ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ଅନୁଗୋଳ ସଦର ମହକୁମା ଠାରୁ ମାତ୍ର ୭ କିଲୋମିଟର ଦୂରରେ ରହିଛି କାଙ୍ଗୁଲା ବେନ୍ତପୁର ପଞ୍ଚାୟତର ଚନ୍ଦନପୁର ଗ୍ରାମ। ଗ୍ରାମର ୨ନଂ. ୱାର୍ଡ ମଧ୍ୟରେ ଥିବା ଚନ୍ଦନପୁର ସାହିକୁ ଏପର୍ଯ୍ୟନ୍ତ ପିଇବା ପାଣି ଓ ସଡ଼କ ପରି ମୌଳିକ ସୁବିଧାର ସୁବନ୍ଦୋବସ୍ତ କରାଯାଇପାରି ନାହିଁ। ଚନ୍ଦନପୁର ସାହିରେ ପ୍ରାୟ ୨୫ରୁ ୩୦ ପରିବାରର ଶତାଧିକ ଲୋକ ବସବାସ କରୁଛନ୍ତି। ସମସ୍ତେ ମୂଲମଜୁରି କରି ଚଳନ୍ତି। ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡେ କରିବା ପାଇଁ ଏହି ଲୋକଙ୍କ ନିକଟରେ ସମ୍ବଳ ନ ଥିବା ବେଳେ ପ୍ରଶାସନିକ ଅବହେଳାରୁ ସାହି ଲୋକେ ଆବଶ୍ୟକ ବିଶୁଦ୍ଧ ପିଇବା ପାଣି ପାଇବା ପାଇଁ ହଇରାଣ ହେଉଛନ୍ତି। ସରକାରଙ୍କ ପକ୍ଷରୁ ଏଠାରେ ଗୋଟିଏ ନଳକୂପ ଖନନ କରାଯାଇଥିଲା। ହେଲେ ଖୋଳାଯିବାଠାରୁ ଏଥିରୁ ନାଲି ପାଣି ବାହାରୁଥିବାରୁ ଏହାକୁ ପାନୀୟ ଭାବେ ବ୍ୟବହାର କରାଯାଉ ନାହିଁ। ଫଳରେ ଏହା ଅଚଳ ପ୍ରାୟ ଅବସ୍ଥାରେ ରହିଛି। କେତେଜଣ ଲୋକ କୂଅ ଖୋଳିଥିଲେ ମଧ୍ୟ ପାନୀୟ ପାଇଁ ଏହାର ଜଳ ଅନୁପଯୁକ୍ତ ବୋଲି କୁହାଯାଉଛି। ନାଲ୍କୋ କାରଖାନାକୁ ଲାଗି ରହିଥିବା ଏହି ସାହିର କୂଅ ପାଣି ଉଡୁଥିବା ପାଉଁଶ ଯୋଗୁ କଳା ହୋଇଯାଉଛି ବୋଲି ସାହିବାସୀ ରାହସ ମଣି ବେହେରା ପ୍ରକାଶ କରିଛନ୍ତି। ନିର୍ବାଚନ ପୂର୍ବରୁ କେତେଜଣ ନେତା ସାହିକୁ ଆସି ପାଣି, ବିଜୁଳି, ରାସ୍ତା ଆଦି ସମସ୍ୟାର ସମାଧାନ ହୋଇଯିବ ବୋଲି କହିଥିଲେ। ହେଲେ ନିର୍ବାଚନ ପରେ କାହାର ଦେଖା ନାହିଁ ବୋଲି ସୁମତୀ ଭୋଇ ପ୍ରକାଶ କରିଛନ୍ତି। ଗାଁରେ ପାଇପ୍ ପଡ଼ିଥିଲେ ବି ପାଣିର ଦେଖାନାହିଁ। ଅନ୍ୟପକ୍ଷରେ ଦୂଷିତ ପାଣି ବ୍ୟବହାର କାରଣରୁ ସାହି ଲୋକେ ଅନେକ ସମୟରେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଆଗକୁ ଭୀଷଣ ଗ୍ରୀଷ୍ମପ୍ରବାହ ଆସୁଥିବାରୁ ସରକାର ଓ ଜିଲା ପ୍ରଶାସନ ପିଇବା ପାଣି ବ୍ୟବସ୍ଥା କରିବାକୁ ସଙ୍ଗୀତା ବେହେରାଙ୍କ ସହ ଗ୍ରାମବାସୀ ଅନୁରୋଧ କରିଛନ୍ତି। ଏ ନେଇ କାଙ୍ଗୁଲା ସରପଞ୍ଚ ଅର୍ଚ୍ଚନା ସେଠୀଙ୍କ ପ୍ରତିନିଧି ନରହରି ସେଠୀ କହିଛନ୍ତି, ପାନୀୟ ସମସ୍ୟା ଦୂର ପାଇଁ ଗୋଟିଏ ନୂଆ ନଳକୂପ ଖୋଳାଯିବା ଆରମ୍ଭ ହୋଇଛି। ଅନୁଗୋଳ ବିଡିଓ ଡ. ବିଶ୍ୱଭୂଷଣଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଥିବା କହି ମତାମତ ରଖିବାକୁ ମନା କରି ହେଇଥିଲେ। ଅନୁଗୋଳ ସବ୍‌ଡିଭିଜନ ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଦିଲୀପ କୁମାର ସାହୁ କହିଛନ୍ତି, ଜେଇ ନମିତା ବେହେରାଙ୍କୁ ସମସ୍ୟାର ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।


ଚନ୍ଦନପୁରର ମହିଳାମାନେ ଖୋଲା କୂଅରୁ ପାଣି ଆଣୁଛନ୍ତି।

# ସରକାରୀ ବସ୍ ପୁନଃ ଚାଲୁ କରିବାକୁ ଦାବି

**ଆଠମଲ୍ଲିକ,୧୯।୨(ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ ଦେଇ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ଚାଲୁଥିବା ସରକାରୀ ବସ୍ ପର୍ଯ୍ୟାୟ କ୍ରମେ ବନ୍ଦ ହୋଇଯାଇଥିବା ବେଳେ ୨୫ ଦିନ ପୂର୍ବରୁ କନ୍ଧମାଳ-ଭୁବନେଶ୍ୱର ସରକାରୀ ବସ୍ ବନ୍ଦ ହେବା କାରଣରୁ ଜନ ଅସନ୍ତୋଷ ଦେଖାଦେଇଛି। ଉକ୍ତ ବସ୍‌ରେ ଆଠମଲ୍ଲିକ ଅଞ୍ଚଳର ବହୁ ରୋଗୀ ଓ ଛାତ୍ରୀଛାତ୍ର ସୁବିଧାରେ ତଥା ସିଧାସଳଖ ଭୁବନେଶ୍ୱର ଯାଇ ଫେରିପାରୁଥିଲେ। କିନ୍ତୁ ୨୫ ଦିନରୁ ଅଧିକ ହେବ ଉକ୍ତ ବସ୍ କୌଣସି କାରଣରୁ ବନ୍ଦ ହୋଇଯାଇଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ମହାନଦୀ ଉପରେ ବୌଦ୍ଧ-କିଆକଟା ସେତୁ ଓ ଆଠମଲ୍ଲିକ-ଧଳପୁର ସେତୁ ଲୋକାର୍ପିତ ହେଲା ପରେ ବ୍ୟବସାୟ ତଥା ପର୍ଯ୍ୟଟନ କ୍ଷେତ୍ରରେ ଆଠମଲ୍ଲିକ ବହୁ ସୁବିଧା ପାଇବ ବୋଲି ଅଞ୍ଚଳବାସୀ ଆଶା କରିଥିଲେ। କିନ୍ତୁ ଉକ୍ତ ଆଶା ଏଯାଏ ପୂରଣ ହୋଇପାରିଲା ନାହିଁ। ଦକ୍ଷିଣ ଓଡ଼ିଶା ସହିତ ପୂର୍ବ ଓଡ଼ିଶାର ସମ୍ପର୍କ ଏହି ସେତୁ ମାଧ୍ୟମରେ ବୃଦ୍ଧି ପାଇବ ବୋଲି କୁହାଯାଉଥିଲେ ହେଁ ଫୁଲବାଣୀରୁ ଭାୟା ଆଠମଲ୍ଲିକ ଦେଇ କେନ୍ଦୁଝର, ଅନୁଗୋଳରୁ ଭାୟା ଆଠମଲ୍ଲିକ ଦେଇ ବ୍ରହ୍ମପୁର, କନ୍ଧମାଳରୁ ଭାୟା ଆଠମଲ୍ଲିକ ଦେଇ ଭୁବନେଶ୍ୱର ଚାଲୁଥିବା ସରକାରୀ ବସ୍ ସେବା ପର୍ଯ୍ୟାୟକ୍ରମେ ବନ୍ଦ ହୋଇଯାଇଛି। ନିକଟରେ ବନ୍ଦ ହୋଇଥିବା କନ୍ଧମାଳ - ଭୁବନେଶ୍ୱର ସରକାରୀ ବସ୍‌ରେ ଯାତାୟାତ ପାଇଁ କିଛି ଯାତ୍ରୀ ଅନ୍‌ଲାଇନରେ ଅଗ୍ରିମ ଟିକେଟ କାଟିଥିଲେ ମଧ୍ୟ ବସ୍ ବନ୍ଦ ହୋଇଯାଇଥିବାରୁ ଅଗ୍ରିମ ଟିକେଟ ପଇସା ଫେରସ୍ତ ପାଇ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ପଶ୍ଚିମ ଓଡ଼ିଶାରୁ ପୂର୍ବ ଓଡ଼ିଶାକୁ ସିଧାସଳଖ ସଂଯୋଗ କରୁଥିବା ସରକାରୀ ବସ୍ ସେବାକୁ ପୁନଃ ଚାଲୁ କରିବା ପାଇଁ ସାଧାରଣରେ ଦାବି ଜୋର୍ ଧରିଛି। ପର୍ଯ୍ୟଟନ କ୍ଷେତ୍ର ଓ ଲୋକଙ୍କ ଆର୍ଥିକ ସ୍ଥିତି ଉନ୍ନତି ପାଇଁ ଦକ୍ଷିଣ ଓଡ଼ିଶାର ତାରାତାରିଣୀ ମନ୍ଦିର, ପଶ୍ଚିମ ଓଡ଼ିଶାର ହରିଶଙ୍କର ଓ କଣ୍ଟିଲୋ ନୀଳମାଧବ ଠାରୁ ସିଧାସଳଖ ଆଠମଲ୍ଲିକ ଅଞ୍ଚଳର ପ୍ରସିଦ୍ଧ ଶୈବପୀଠ ତଥା ଉଷ୍ଣପ୍ରସ୍ରବଣ, ଅଧିଷ୍ଠାତ୍ରୀ ଦେବୀ ମା' ମାହେଶ୍ୱରୀ ଓ ଶକ୍ତିପୀଠ ମା' ବିନିକେୟୀ ମନ୍ଦିରକୁ ବସ୍ ଚଳାଚଳ କରିବାକୁ ଦାବି ହେଉଛି। ବସ୍ ସେବା ବନ୍ଦ ସମ୍ପର୍କରେ ଉପଜିଲାପାଳ ଡ. ଦିଲୀପ କୁମାର ବେହେରା କହିଛନ୍ତି, ପରିବହନ ବିଭାଗ ସହ ଯୋଗାଯୋଗ କରି ଏ ନେଇ ବ୍ୟବସ୍ଥା କରାଯିବ।



ଆଠମଲ୍ଲିକ ସହରସ୍ଥିତ ବସ୍‌ଷ୍ଟାଣ୍ଡ।

# ମା' ମଙ୍ଗଳା ମନ୍ଦିର ପ୍ରତିଷ୍ଠା ଉତ୍ସବ

**ସନ୍ତ୍ରିଛକ,୧୯।୨(ସନ୍ତୋଷ ପରିଡ଼ା)**

ଅନୁଗୋଳ ଜିଲା ବଣଁରପାଳ ବ୍ଲକ ଗଡ଼ ତଳମୂଳ ଗ୍ରାମ ଗୋଚ୍ଛାୟତ ସାହିଠାରେ ମା' ମଙ୍ଗଳାଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବହୁ ପୁରାତନ ମନ୍ଦିରଟି ଭଗ୍ନ ଅବସ୍ଥାରେ ଥିବାରୁ ୨୦୨୩ /୨୪ ଆର୍ଥିକ ବର୍ଷରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୪ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଏବଂ ଗ୍ରାମବାସୀଙ୍କ ସହଯୋଗରେ ନୂତନ ମନ୍ଦିର ନିର୍ମାଣ କରାଯିବା ପରେ ପ୍ରତିଷ୍ଠା ଉତ୍ସବ ଆୟୋଜନ କରାଯାଇଥିଲା। ଏଥିପାଇଁ ଏକ କଳସ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ପରେ ବିଭିନ୍ନ ପୂଜାନୀତି ସହ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଓ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ତଳମୂଳ ଭାଜପା ସଭାପତି ଅଜିତ କୁମାର ସାହୁ, ବିଜୁ ଦାସ ଓ ମନ୍ଦିର ପରିଚାଳନା କମିଟି ସଭାପତି କୃପାସିନ୍ଧୁ ଗୋଚ୍ଛାୟତ, ଉପସଭାପତି ସୁଶାନ୍ତ କୁମାର ଗୋଚ୍ଛାୟତ, ଗଣେଶ ଗୋଚ୍ଛାୟତ, କୁଶ ଗୋଚ୍ଛାୟତ, ଆରତୀ ଗୋଚ୍ଛାୟତ, ଗୁନା ଗୋଚ୍ଛାୟତ, ବାଦଲ ଗୋଚ୍ଛାୟତ, ବିଶ୍ୱକର୍ମା ଗୋଚ୍ଛାୟତ, ନରେଶ ଗୋଚ୍ଛାୟତ ଶଶିଭୂଷଣ ଗୋଚ୍ଛାୟତ, ବିପିନ ଗୋଚ୍ଛାୟତ ଏବଂ ସାହିର ସମସ୍ତ ଜନସାଧାରଣ ପୂର୍ଣ୍ଣ ସହଯୋଗ କରିଥିଲେ।


ମା' ମଙ୍ଗଳାଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଳନ କରାଯାଉଛି।

# ଛାତ୍ରୀଛାତ୍ର ଦେଲେ ଯୁକ୍ତ ୨ ବିଜ୍ଞାନ, କଳା ପରୀକ୍ଷା

**ବଇଣ୍ଡା,୧୯।୨(ପରିକ୍ଷିତ ସାହୁ)**

ଯୁକ୍ତ୨ ବିଜ୍ଞାନ ପରୀକ୍ଷା ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବାବେଳେ ପ୍ରଥମ ଦିନରେ ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟରେ ୮୮ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ସକାଳ ୯ଟାରେ ପ୍ରଶ୍ନପତ୍ର ଥିବା କୋଠରିକୁ କିଶୋରନଗର ତହସିଲଦାର ମନୋଜ କୁମାର ପ୍ରଧାନ ମାଜିଷ୍ଟ୍ରେଟ୍ ଭାବେ ପ୍ରବେଶ କରି ପ୍ରଶ୍ନପତ୍ରଗୁଡ଼ିକ ଖୋଲିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ କାଳନ୍ଦୀ ଚରଣ ପ୍ରଧାନ ସୁପରିଣ୍ଟେଣ୍ଡେଣ୍ଟ ଭାବେ ନିଯୁକ୍ତ ହୋଇଥିବାବେଳେ ଅଧ୍ୟାପକ ଅସିତ କୁମାର ଜେନା, କାଳିଆ ସେଠୀ, ରମାକାନ୍ତ କୁଲୁ, ହାଡ଼ିବନ୍ଧୁ ପ୍ରଧାନ, ଶୁଭ୍ରଶଶୀ ପ୍ରଧାନ, ଦୀପକ ବେହେରା, ଲିପୁ ସେନାପତି, ଚନ୍ଦ୍ରଶେଖର ସିଂ ପ୍ରମୁଖ ପରୀକ୍ଷା ପରିଚାଳନା କରିଥିଲେ। ସେହିପରି ବୁଧବାର କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟ କଳା ବିଭାଗରେ ୨୨୪ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ଅଧ୍ୟକ୍ଷ କାଳନ୍ଦୀ ଚରଣ ପ୍ରଧାନ ସୁପରିଣ୍ଟେଣ୍ଡେଣ୍ଟ ଭାବେ ନିଯୁକ୍ତ ହୋଇଥିବାବେଳେ ସମସ୍ତ ଅଧ୍ୟାପିକା ଅଧ୍ୟାପକ ସହଯୋଗ କରିଥିଲେ। ସେହିପରି ଅଙ୍ଗପଡା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୨୪ ଛାତ୍ରୀଛାତ୍ର, କିଶୋରନଗର ଯୁକ୍ତ ୨ ମହାବିଦ୍ୟାଳୟରେ ୪୪୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ଅଙ୍ଗପଡାରେ ବଳରାମ ପ୍ରଧାନ, କିଶୋରନଗରରେ ସୁଶାନ୍ତ କୁମାର ପ୍ରଧାନ ସୁପରିଣ୍ଟେଣ୍ଡେଣ୍ଟ ଭାବେ ନିଯୁକ୍ତ ହୋଇଛନ୍ତି।


ପରୀକ୍ଷା କେନ୍ଦ୍ର ଭିତରକୁ ଯାଉଥିବା ଛାତ୍ରୀଛାତ୍ରଙ୍କୁ ଯାଞ୍ଚ କରାଯାଉଛି।

# ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

**ତାଳଚେର,୧୯।୨ (ମନୋଜ ନନ୍ଦ)**

ତାଳଚେର ବ୍ଲକସ୍ତରୀୟ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଭିତ୍ତିକ କାର୍ଯ୍ୟକ୍ରମ ନିପୁଣ ଓଡ଼ିଶା ମେଳା ଘଣ୍ଟପଡ଼ା ନୋଡାଲ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଛାତ୍ରୀଛାତ୍ର ତଥା ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଘଣ୍ଟପଡ଼ା ସରପଞ୍ଚ ସସ୍ମିତା ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ କରୁଣାକର ସାହୁ, ଘଣ୍ଟପଡ଼ା ନୋଡାଲ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତି ପ୍ରଧାନ, ବିଦ୍ୟାଳୟ ସଭାପତି ନିତ୍ୟାନନ୍ଦ ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଜୟ କୁମାର ମହାନ୍ତି, ବିଆର୍‌ସିସି ସରୋଜ କୁମାର ପାଣି, ପୂର୍ବତନ ସରପଞ୍ଚ ସୁନୀଲ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଶିକ୍ଷାରେ ଉନ୍ନତମାନର ଜ୍ଞାନ କୌଶଳ ଆହରଣ ପାଇଁ ପରାମର୍ଶ ଦେଇଥିଲେ।

# ଘରୋଇ ଜମିରେ ରାସ୍ତା ନିର୍ମାଣକୁ ବିରୋଧ

**ଛେଣ୍ଡିପଦା,୧୯।୨ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ତହସିଲ ଫୁଲଝରି ଠାରେ କଲୋନୀ ଦେଇ ହରିଜନ ସାହିକୁ ଘରୋଇ ଜମିରେ ରାସ୍ତା ନିର୍ମାଣକୁ ଗ୍ରାମବାସୀ ବିରୋଧ କରିଛନ୍ତି। ସୂଚନା ଅନୁଯାୟୀ, ଫୁଲଝରି ଠାରେ ଥିବା ଏକ ଘରୋଇ କମ୍ପାନୀର କଲୋନୀ ଦେଇ ହରିଜନ ସାହିକୁ ରାସ୍ତା ନିର୍ମାଣ ପାଇଁ ଯୋଜନା ଚାଲିଥିବା ବେଳେ ଉକ୍ତ ରାସ୍ତା ପାର୍ଶ୍ୱ ଜମି ମାଲିକମାନେ ଏହାକୁ ବିରୋଧ କରିଛନ୍ତି। ଉକ୍ତ ରାସ୍ତାରେ ରଜନୀ ନାଏକ, କୁଞ୍ଜ ନାଏକ, ପଠାଣି ବାଘ, ଜମ୍ବୁବତୀ ସାହୁ, ଖଗ ନାଏକ, ମଉଡ ନାଏକ, ବଳରାମ ନାଏକଙ୍କ ଘରୋଇ ଜମି ଥିବାରୁ ଜମି ମାଲିକଙ୍କ ପକ୍ଷରୁ ଉକ୍ତ କାମ ବନ୍ଦ କରାଯାଇଛି। ଏ ନେଇ ଛେଣ୍ଡିପଦା ତହସିଲ ପକ୍ଷରୁ ପତ୍ର ସଂଖ୍ୟା ୬୬୮ / ୨୫ରେ ରାସ୍ତା ପାର୍ଶ୍ୱବର୍ତ୍ତୀ ଥିବା ଉପରୋକ୍ତ ଜମି ମାଲିକଙ୍କୁ ରାସ୍ତା ନିର୍ମାଣ ପାଇଁ ଜମି ଚିହ୍ନଟ ବେଳେ ଉପସ୍ଥିତ ରହିବା ପାଇଁ ନୋଟିସ ଜାରି କରାଯାଇଥିଲା। ରାସ୍ତା ଚିହ୍ନଟ ସମୟରେ ଉପସ୍ଥିତ ନ ରହିଲେ କୌଣସି ଦାବି ଆପତ୍ତି ଗ୍ରହଣ ଯୋଗ୍ୟ ହେବ ନାହିଁ ବୋଲି ଚିଠି କରାଯାଇଥିଲା। ଏ ନେଇ ଧାର୍ଯ୍ୟ ସମୟରେ ତହସିଲ ପକ୍ଷରୁ ପୋଲିସ ପ୍ରଶାସନ ଉପସ୍ଥିତିରେ ଚିହ୍ନଟ କାର୍ଯ୍ୟ ଚାଲିଥିବା ବେଳେ ଠିକ ଚିହ୍ନଟ ହେଉ ନ ଥିବା ନେଇ ଗ୍ରାମର ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଏ ନେଇ ଜମିହରା ପ୍ରଜାମାନେ ନିଜ ଜମିକୁ ଛାଡ଼ିବେ ନାହିଁ ବୋଲି ଜିଦ୍ ଧରି ଉକ୍ତ ସ୍ଥାନରେ ଧାରଣା ଦେଇଛନ୍ତି। ରାସ୍ତା ନିର୍ମାଣ ବନ୍ଦ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଜମି ମାଲିକଙ୍କ ପରିବାର ଓ ସ୍ଥାନୀୟ ଗ୍ରାମବାସୀ କଡା ଚେତାବନୀ ଦେଇଛନ୍ତି।


ରାସ୍ତା ନିର୍ମାଣକୁ ବିରୋଧ କରି ଧାରଣା ଦିଆଯାଇଛି।

# ୯୩ ବର୍ଷୀୟା ବୃଦ୍ଧାଙ୍କୁ ମିଳୁନାହିଁ ବର୍ଦ୍ଧିତ ଭତ୍ତା

**ଛେଣ୍ଡିପଦା,୧୯।୨(ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କୋଶଳା ପଞ୍ଚାୟତର ୯୩ ବର୍ଷୀୟ ବୃଦ୍ଧା ସାଇବାଣୀ ସେଠୀଙ୍କୁ ସରକାରଙ୍କ ବର୍ଦ୍ଧିତ ୩୫୦୦ ଟଙ୍କା ଭତ୍ତା ମିଳୁ ନ ଥିବା ଅଭିଯୋଗ ହୋଇଛି। ଏପରି କି ବର୍ଦ୍ଧିତ ଭତ୍ତା କଥା କହିଲେ ପଞ୍ଚାୟତ ଅଧିକାରୀ ନାଲି ଆଖି ଦେଖାଉଥିବା ବୃଦ୍ଧା ଜଣକ ଅଭିଯୋଗ କରିଛନ୍ତି। ସାଇବାଣୀ କହିଛନ୍ତି, ତାଙ୍କୁ ୯୩ ବର୍ଷ ହୋଇଥିବା ବେଳେ ସେ ସରକାରଙ୍କ ଘୋଷଣା ଅନୁଯାୟୀ ବର୍ଦ୍ଧିତ ୩୫ଶହ ଟଙ୍କାର ଭତ୍ତା ପାଇବା କଥା। ଏ ନେଇ ସେ ଆବଶ୍ୟକ କାଗଜପତ୍ର ଜମା କରିଥିଲେ ମଧ୍ୟ ୨ ମାସ ହେବ ତାଙ୍କୁ ୧୨ ଶହ ଟଙ୍କା ଲେଖାଏ ମିଳୁଛି। ଏ ନେଇ ସେ ରାଜନେତାଙ୍କ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ଯାଏ ଅଭିଯୋଗ କଲେ ମଧ୍ୟ ପଦକ୍ଷେପ ନିଆଯାଉ ନ ଥିବା ସାଇବାଣୀ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ସମ୍ପର୍କରେ ବିଡିଓ ଅରବିନ୍ଦ ବେହେରା କହିଛନ୍ତି, ଏପରି ଖବର ମିଳିଛି। କୋଶଳା କାର୍ଯ୍ୟନିର୍ବାହୀ ଅଧିକାରୀ ବୃଦ୍ଧାଙ୍କ ଘରକୁ ଯାଇ କିପରି ବର୍ଦ୍ଧିତ ଭତ୍ତା ପ୍ରଦାନ କରିବେ ସେ ନେଇ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।



# ଷ୍ଟ୍ରିଟ୍ ଲାଇଟ, ନଳକୂପ ଉଦ୍‌ଘାଟନ


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିଥିବା ଅନୁଗୋଳ ବିଧାୟକଙ୍କ ସହ ଅନ୍ୟମାନେ।

**ସନ୍ତ୍ରିଛକ,୧୯।୨(ସନ୍ତୋଷ ପରିଡ଼ା)**

ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଗତ ରବିବାର ବଣଁରପାଳ ଅପର୍ତ୍ତିପୁର ମହାପାଟ ଠାକୁରାଣୀଙ୍କ ପ୍ରାଙ୍ଗଣରେ ଏକ ହାଇମାଷ୍ଟ ଲାଇଟ ଓ ନଳକୂପ ଉଦ୍‌ଘାଟନ ହୋଇଯାଇଛି। ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଗ୍ରାମ ସଭାପତି ଶ୍ରୀକାନ୍ତ ଭୋଇ, ନିର୍ମଳ ପରିଡ଼ା, ହରି ପରିଡ଼ା, ସଞ୍ଜୟ ରାଉତ, ସମ୍ମାନିତ ଅତିଥି ଭାବେ ଦିଲୀପ କୁମାର ରାଉତ, ଛବି ମୋହନ ସାହୁ, କୀଟୁ ପଣ୍ଡା ଓ ଗ୍ରାମର ଭଦ୍ରବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# ନୂତନ ଏସ୍‌ଡିପିଓଙ୍କ ଯୋଗଦାନ


ସୁଶାନ୍ତ କୁମାର ତାଉଡ଼ିଆ।

**ଆଠମଲ୍ଲିକ,୧୯।୨(ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ନୂତନ ଏସ୍‌ଡିପିଓ ଭାବେ ସୁଶାନ୍ତ କୁମାର ତାଉଡ଼ିଆ ଯୋଗଦେଇଛନ୍ତି। ସେ ବିଦାୟୀ ଏସ୍‌ଡିପିଓ ବାଳକୃଷ୍ଣ କଅଁରଙ୍କ ଠାରୁ ଦାୟିତ୍ୱଭାର ଗ୍ରହଣ କରିଛନ୍ତି। ଆଗାମୀ ଦିନରେ ଆଠମଲ୍ଲିକ ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ଦିଗରେ ପ୍ରାଧାନ୍ୟ ଦେଇ କାର୍ଯ୍ୟ କାରିବେ ବୋଲି ନୂତନ ଏସ୍‌ଡିପିଓ ତାଉଡ଼ିଆ ପ୍ରକାଶ କରିଛନ୍ତି।

# ତାଳଚେର ଥର୍ମାଲ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

**ତାଳଚେର,୧୯।୨(ମନୋଜ ନନ୍ଦ)**

ତାଳଚେର ଥର୍ମାଲ ଏବଂ ଏକ ହସ୍ପିଟାଲର ମିଳିତ ଉଦ୍ୟମରେ ସନ୍ଥପଡ଼ା ପଞ୍ଚାୟତରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ତାଳଚେର ଥର୍ମାଲର ପରିଧି ଅଞ୍ଚଳର ଅସହାୟ ଏବଂ ଦୁର୍ଲଭ ସ୍ୱାସ୍ଥ୍ୟସେବା ଲାଭକାରୀ ଲୋକଙ୍କ ପାଇଁ ଉଚ୍ଚ ଗୁଣସ୍ତରୀୟ ମେଡିକାଲ ସେବା ପ୍ରଦାନ କରିବା ଉଦ୍ଦେଶ୍ୟରେ ଏହି ଶିବିର ଆୟୋଜନ କରାଯାଇଥିଲା। ଭୁବନେଶ୍ୱରର ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଏହି କ୍ୟାମ୍ପରେ ଉପସ୍ଥିତ ରହି ୩୪୪ ଗ୍ରାମବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିଲେ। ଏଥିସହିତ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ଏ ସମ୍ପର୍କରେ ଥର୍ମାଲ ପ୍ରୋଜେକ୍ଟ ହେଡ୍ ବିଜୟ ଚନ୍ଦ୍ର କହିଛନ୍ତି, ତାଳଚେର ଥର୍ମାଲରେ ଗ୍ରାମାଞ୍ଚଳର ଲୋକଙ୍କ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ଏହି ମେଗା ସ୍ୱାସ୍ଥ୍ୟ ଶିବିର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସୁବିଧା ପ୍ରଦାନ ପାଇଁ ପ୍ରତିଶ୍ରୁତିର ଏକ ଉଦାହରଣ। ଗ୍ରାମବାସୀଙ୍କ ଦ୍ୱାରା ମିଳୁଥିବା ସ୍ୱାଗତ ଆମକୁ ଏହି ଉଦ୍ୟମ ଜାରି ରଖିବାକୁ ପ୍ରେରିତ କରୁଛି।


ଶିବିରରେ ଡାକ୍ତର ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି।

# ବାଇକ୍‌କୁ ଧକ୍କାଦେଲା କାର୍, ୨ ଗୁରୁତର



**ବନ୍ତଳା,୧୯।୨(ସୁଶିତ ସାହୁ)**

ଅନୁଗୋଳ ବ୍ଲକ ବଲାସିଂହା ପଞ୍ଚାୟତ ଟାଙ୍ଗୁଆ ନାଳ ପୋଲ ନିକଟରେ ବୁଧବାର ଏକ ବାଇକ୍‌କୁ ଧକ୍କା ଦେଇଛି କାର୍। ଏଥିରେ କୁମୁରିସିଂହା ପଞ୍ଚାୟତ ଜୁଇପଙ୍ଗା ସାହିର ଅଶୋକ ବେହେରା ଓ ତାଙ୍କ ସମ୍ପର୍କୀୟ ଧୋକୁଟା ଗାଁର ବିଜୁଳି ପ୍ରଧାନ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଉଭୟ ମୋଟର ସାଇକେଲ୍ ଯୋଗେ ଗାଁକୁ ଫେରୁଥିବା ବେଳେ ବଲାସିଂହା ନାଳ ନିକଟରେ କାର୍ ଧକ୍କାଦେଇ ଘୋଷାଡ଼ି ନେଇଥିଲା। ସ୍ଥାନୀୟ ଲୋକଙ୍କ ସହଯୋଗରେ ଉଭୟ ଗୁରୁତରଙ୍କୁ ଉଦ୍ଧାର କରାଯାଇ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅନୁଗୋଳ ସଦର ଥାନା ଅଧିକାରୀ ପହଞ୍ଚି ଗାଡିଜବତ କରିବା ସହ ତଦନ୍ତ ଚଳାଇଛନ୍ତି।

# ଉପଖଣ୍ଡ ଚିକିତ୍ସାଳୟରେ ଅଲଟ୍ରାସାଉଣ୍ଡ ସେବା ଠପ୍

■ ଅଭିଜ୍ଞ ଡାକ୍ତର ନ ଥିବାରୁ ମିଳିପାରୁନି ସେବା
■ କାମରେ ଲାଗୁନି ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ
■ ୭୦ କି.ମି. ଦୂର ଅନ୍ୟ ମେଡିକାଲକୁ ଯାଉଛନ୍ତି ପ୍ରସୂତି

**ପାଲଲହଡ଼ା,୧୯।୨(ଦିବ୍ୟଜ୍ୟୋତି ଦାଶ)**

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟରେ ମାସେ ହେବ ଅଲଟ୍ରାସାଉଣ୍ଡ ସେବା ଠପ୍ ହୋଇଯାଇଛି। ଏଠାରେ ରୋଗୀ ଓ ପ୍ରସୂତିଙ୍କ ଅଲଟ୍ରାସାଉଣ୍ଡ କରୁଥିବା ଡାକ୍ତରଙ୍କ ବଦଳି ହୋଇଥିବାରୁ ଏପରି ଅସୁବିଧା ଉପୁଜିଛି। ଫଳରେ ଏହି ଡାକ୍ତରଖାନା ଉପରେ ନିର୍ଭର କରୁଥିବା ପ୍ରସୂତିମାନଙ୍କୁ ଅଲଟ୍ରାସାଉଣ୍ଡ ପାଇଁ ୭୦ କି.ମି. ଦୂର କେନ୍ଦୁଝର, ଦେବଗଡ଼ ଏବଂ ତାଳଚେର ଡାକ୍ତରଖାନାକୁ ଯିବାକୁ ପଡୁଛି।

ପ୍ରକାଶ ଯେ, ୨୦୨୩ ମସିହାରେ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟରେ ନୂତନଭାବେ ଶିଶୁ ମାତୃ ଭବନ ଖୋଲିବା ପରେ ଏଠାରେ ପୂର୍ବତନ ବିଧାୟକଙ୍କ ପ୍ରଚେଷ୍ଟାରେ ଏକ ଅତ୍ୟାଧୁନିକ ଅଲଟ୍ରାସାଉଣ୍ଡ ମେଶିନ ସ୍ଥାପନ କରାଯାଇ ପ୍ରସୂତିମାନଙ୍କୁ ବିନାମୂଲ୍ୟରେ ସେବା ପ୍ରଦାନ କରାଯାଉଥିଲା। ତେବେ ଏକ ମାସ ହେବ ଅଲଟ୍ରାସାଉଣ୍ଡରେ ଅଭିଜ୍ଞାତା ଥିବା ପ୍ରସୂତି ବିଭାଗ ଡାକ୍ତର ଅଭିଲାଷ ଦାସଙ୍କ ବଦଳି ପରେ ଉପଖଣ୍ଡ ଚିକିତ୍ସାଳୟରେ ଏହି ସେବା ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଛି। ବର୍ତ୍ତମାନ ଉପଖଣ୍ଡ ଚିକିତ୍ସାଳୟରେ ଅଲଟ୍ରାସାଉଣ୍ଡ କରିବାକୁ କେହି ଅଭିଜ୍ଞ ଡାକ୍ତର ନ ଥିବାରୁ ପ୍ରସୂତି ଏବଂ ଅନ୍ୟାନ୍ୟ ରୋଗୀ ଏହି ସେବା ପାଇପାରୁନାହାନ୍ତି। ଏ ସମ୍ପର୍କରେ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା.ବିଶ୍ୱନାଥ ମୁର୍ମୁ କହିଛନ୍ତି, ଅଭିଜ୍ଞ ଡାକ୍ତରଙ୍କ ବଦଳି ପରେ ଏପରି ଅସୁବିଧା ଉପୁଜିଛି। ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯାଇଛି। ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହେବ।



